ଧରିତ୍ରୀ
DHARITRI

January 6-12, 2019 ₹2/-

ଛୁଟିଦିନ

# ଆଦର୍ଶ ବିବାହ



ପ୍ରଚ୍ଛଦ ପ୍ରସଙ୍ଗ

୩

ଧୀରେ ଧୀରେ ବିବାହକୁ ନେଇ ବଦଳିବାକୁ ଲାଗିଛି ଲୋକଙ୍କ ଚିନ୍ତାଧାରା । ବହୁ ଆଡମ୍ବରର ବିବାହ ପରିବର୍ତ୍ତେ କିଏ ବିବାହ ପାଇଁ ସଞ୍ଚିତ ଟଙ୍କା ଗରିବଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି ତ ଆଉକିଏ ବଦଳାଉଛନ୍ତି ଏହା ସହ ଯୋଡି ହୋଇ ରହିଥିବା କିଛି ପରମ୍ପରା। ଫଳରେ ବିବାହ ପାଲଟି ଯାଉଛି ଆଦର୍ଶ ବିବାହ...



୧୩

ସହରଠୁ ଦୂର

୮/୯

ସିନେମା



# ଯୋଜନା ଏକ ଉତ୍ତମ ବର୍ଷର



**ସାମାଜିକ ଏବଂ ପାରିବାରିକ ଯୋଜନା:**

* ଏହି ବର୍ଷ ସମାଜରେ ନିଜର ସ୍ଥିତି ସୁଦୃଢ କରିବା ଲାଗି ଯୋଜନା ପ୍ରସ୍ତୁତ କରନ୍ତୁ।
* ଏଭଳି କିଛି ସାମାଜିକ କାର୍ଯ୍ୟରେ ନିଜକୁ ସାମିଲ କରନ୍ତୁ, ଯାହାଦ୍ୱାରା ସମାଜର କିଛି ଉନ୍ନତି ହେବା ସହ ବ୍ୟକ୍ତିଗତ ଉନ୍ନତି ମଧ୍ୟ ସାଧନ ହେବ।
* ନୂତନ ସ୍ଥାନ, ସଂସ୍କୃତି ବିଷୟରେ ଜାଣିବାକୁ ପ୍ରୟାସ କରିବା ସହ କିଛି ନୂତନ ବନ୍ଧୁ ମଧ୍ୟ ସ୍ଥାପନ କରନ୍ତୁ।
* ବର୍ଷର ଏକ ନିର୍ଦ୍ଦିଷ୍ଟ ସମୟରେ ପରିବାର ସଦସ୍ୟଙ୍କ ସହ କୌଣସି ଦୂର ସ୍ଥାନ ଭ୍ରମଣ କରିବା ଲାଗି ଯୋଜନା କରନ୍ତୁ।

**ଆର୍ଥିକ ଯୋଜନା:**

* ପ୍ରତି ମାସରେ ଆପଣଙ୍କ ଆୟରୁ କିଛି ଅଂଶ ସଞ୍ଚୟ କରିବା ଅଭ୍ୟାସ କରନ୍ତୁ।
* ନିରାପଦ ଭବିଷ୍ୟତ ପାଇଁ କୌଣସି ଏକ ଭରସାଯୋଗ୍ୟ ସଂସ୍ଥାରେ ପୁଞ୍ଜି ନିବେଶ କରନ୍ତୁ।
* ବଦ୍ ଖର୍ଚ୍ଚରୁ ଦୂରେଇ ଆବଶ୍ୟକୀୟ ଜିନିଷ ଉପରେ ଖର୍ଚ୍ଚ କରନ୍ତୁ।

## ଏ ସପ୍ତାହର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର

ଜାନୁୟାରୀ ୬-୧୨, ୨୦୧୯

### ମେଷ



ଦୂରସ୍ଥାନକୁ ଯାତ୍ରା କରିବେ। ଅଭାବ ରହିବ ନାହିଁ। ସ୍ୱାସ୍ଥ୍ୟ ମଧ୍ୟ ଭଲ ରହିବ। କାମରେ ପ୍ରତିବନ୍ଧକ ଆସିବ। ସହକର୍ମୀ ଦ୍ୱାରା ସମସ୍ୟା। ମଧ୍ୟମ ପାରିବାରିକ ସ୍ଥିତି। ମିତ୍ରତା ସୃଷ୍ଟି କରିପାରନ୍ତି। ଯାନବାହନରେ ଆଘାତ। ନିର୍ମାଣ ଅଟକିଯିବ।

### ବୃଷ



ତରବରିଆ ପଦକ୍ଷେପ ନିଅନ୍ତୁନି। ଉତ୍ସବ ପାଇଁ ପ୍ରସ୍ତୁତି। ଭ୍ରାତୃବର୍ଗଙ୍କ ସହଯୋଗ। ଆଶାବାଦୀ ହେବେ। ବନ୍ଧୁଙ୍କୁ ଆପଣେଇ ନେବେ। ବସ୍ତ୍ରଭୂଷଣ ପ୍ରାପ୍ତି। ଅର୍ଥ ପାଇବେ। କାମଟି ବିଳମ୍ବରେ ହେବ।

### ମିଥୁନ



ଦୈହିକ ସୁସ୍ଥତା ଫେରିବ। କରଜଦାତାଙ୍କ ଚାପ। କାର୍ଯ୍ୟହାନିରୁ ଅନୁତାପ। ମହିଳାଙ୍କ ସାହାଯ୍ୟ ପାଇବେ। କାଶ ଓ କଫଜନିତ ପୀଡ଼ା। ଶେଷଭାଗରେ ସ୍ଥିରତା। ସହକର୍ମୀଙ୍କ ଅନୁରକ୍ତି। ଦୂରଯାତ୍ରା କରିବେ।

### କର୍କଟ



ଭ୍ରମଣ ସୁଯୋଗ। ଦ୍ରବ୍ୟ ନଷ୍ଟ। ଭାବପ୍ରବଣତା ବଢ଼ିବ। ଅଭିଯୋଗ ଆସିପାରେ। ପଡ଼ୋଶୀ ଭୁଲ୍ ବୁଝିବେ। ନୂତନ କାର୍ଯ୍ୟାରମ୍ଭ। କଳାପ୍ରିୟ ହେବେ। ନୂତନ ବନ୍ଧୁସମ୍ପର୍କ। ଅନଟନ ଲାଗିରହିବ।

### ସିଂହ



ସମସ୍ୟା ଆସିପାରେ। ବାଣିଜ୍ୟ ମାନ୍ଦା ରହିବ। ବିଳାସବ୍ୟସନ, ସ୍ୱାସ୍ଥ୍ୟହାନିର ଆଶଙ୍କା। ବ୍ୟବସାୟ ବୃଦ୍ଧି। ଆନୁଷ୍ଠାନିକ କାମରେ ବ୍ୟସ୍ତତା। ସାମ୍ବାଦିକତାରେ ସମ୍ମାନ। ସଙ୍ଗୀତରେ ରୁଚି।

### କନ୍ୟା



ବିବାଦରେ ପରାଜୟ। ହଇରାଣରେ ପଡିପାରନ୍ତି। ଶିଳ୍ପ ବାଣିଜ୍ୟରେ ଅଭିବୃଦ୍ଧି। ଏଜେନ୍ସିପ୍‌ରୁ ଖୁସି ରହିବେ। ବିଭିନ୍ନ ସୂତ୍ରରୁ ରୋଜଗାର କରିବେ। ଯାତ୍ରାରେ ସଫଳତା। ବିଳମ୍ବରେ ଅଭୀଷ୍ଟ ସିଦ୍ଧି। ପାରିବାରିକ ଶାନ୍ତି।

### ତୁଳା



ଚାକିରିରେ ସମ୍ମାନ ଲାଭ। ପଡୋଶୀଙ୍କ କଟୁକଥା। କାମରେ ପ୍ରତିବନ୍ଧକ। ବ୍ୟବସାୟରେ ପ୍ରତିଦ୍ୱନ୍ଦ୍ୱିତା। ବ୍ୟୟବୃଦ୍ଧି ଘଟିବ। ବିବାଦରୁ ଦୂରେଇ ରହନ୍ତୁ। ଧର୍ମକାର୍ଯ୍ୟ କରିବେ। କଚେରି ମାମଲାରୁ ଦୁଶ୍ଚିନ୍ତା। ପାଦରେ ପୀଡ଼ା।

### ବିଛା



ପରିସ୍ଥିତିକୁ ସଜାଡ଼ିନେବେ। ବକେୟା ଟଙ୍କା ପାଇବେ। ମୂଲ୍ୟବାନ୍ ଦ୍ରବ୍ୟଲାଭ, ଧର୍ମାନୁଷ୍ଠାନ ଦିଗରୁ ପ୍ରେରଣା। ଶିକ୍ଷାରେ ସଫଳତା। ଭ୍ରମଣ ସୁଯୋଗ ଜୁଟିବ। ପ୍ରତୀକ୍ଷାଜନିତ ଯନ୍ତ୍ରଣା। ବାଣିଜ୍ୟରେ ବାଧାପ୍ରାପ୍ତ। ମିତ୍ରଙ୍କ ଅନୁକମ୍ପା।

### ଧନୁ



ଆମୋଦ ପ୍ରମୋଦ। ସ୍ୱାସ୍ଥ୍ୟରେ ଉନ୍ନତି। ପଡୋଶୀଙ୍କ ସହାନୁଭୂତି। ଶୁଭ ଖବର ପାଇବେ। ସଦ୍ଭାବ ଅକ୍ଷୁଣ୍ଣ ରହିବ। ବ୍ୟବସାୟରେ ଶିଥିଳତା। ପାରିବାରିକ କଳହ। ପଦସ୍ଥ ବ୍ୟକ୍ତିଙ୍କ ସାହାଯ୍ୟ। ଶିକ୍ଷାରେ ଉନ୍ନତି।

### ମକର



ହାତ ଖାଲି ରହିବ। ଆଘାତ ଲାଗିପାରେ। ବିରୋଧୀଙ୍କ ଅପପ୍ରଚାର। ଦ୍ୱନ୍ଦ୍ୱର ଅବସାନ। ନୂତନ କାର୍ଯ୍ୟାରମ୍ଭ। ଆଶା ଫଳବତୀ ହେବ। ଦୈହିକ ଦୁର୍ବଳତା। ମନୋବଳ କମି ଯାଇପାରେ। ସ୍ତ୍ରୀଙ୍କ ସନ୍ଦେହ। ଗୃହ ସାଜସଜ୍ଜା କରିବେ।

### କୁମ୍ଭ



ମନରେ ବିରକ୍ତି, କାର୍ଯ୍ୟରେ ବ୍ୟତିକ୍ରମ। ଦେବଦର୍ଶନ। ଭ୍ରମଣ ସୁଯୋଗ। ସମସ୍ୟା ସମାଧାନ। ବ୍ୟବସାୟରେ ଶାଖା ପ୍ରଶାଖା। ଆନୁଷ୍ଠାନିକ କାମ। ବନ୍ଧୁମିଳନରୁ ଆନନ୍ଦ। ପ୍ରତ୍ୟୁଷ ଯାତ୍ରାରେ ସଫଳତା। ପେଟ ଗୋଳମାଳ। ପିତାଙ୍କ ସ୍ୱାସ୍ଥ୍ୟହାନି।

### ମୀନ



ଆକସ୍ମିକ କଳହ। ହାତକୁ ଦି'ପଇସା ଆସିବ। ଦୂରଯାତ୍ରାର ଯୋଜନା। ନିଷ୍ପତ୍ତିର ପରିବର୍ତ୍ତନ। ସୁସ୍ଥତା ଫେରିପାଇବେ। ବ୍ୟବସାୟରେ କ୍ଷତି। ନିଜ ଲୋକଙ୍କ ଶତ୍ରୁତା। ସ୍ଥଗିତ କାମରେ ଅଗ୍ରଗତି। ପ୍ରତିକୂଳ ଚାପ କମିବ। ସାଂସ୍କୃତିକ କାର୍ଯ୍ୟରେ ସହଯୋଗ।

# ଚିନି ଶିରାରେ କାରିଗରି

ବିଭିନ୍ନ ପଦାର୍ଥରେ ନିର୍ମିତ ଭିନ୍ନ ଭିନ୍ନ କଳା କାରିଗରି ଆମେ ଦେଖିଛେ ଏବଂ ଜାଣିଛେ ମଧ୍ୟ। କାଠ ପଥରର ଖୋଦେଇ ହେଉ ବା ମାଟି, କାଚର ମୂର୍ତ୍ତି। ପ୍ରତ୍ୟେକ କାରିଗରିର ନିଜସ୍ୱ ସ୍ୱତନ୍ତ୍ରତା ରହିଛି। ତେବେ ଖାଦ୍ୟ ଉଦ୍ୟୋଗ କ୍ଷେତ୍ରରେ ମଧ୍ୟ ଖାଦ୍ୟ ଦ୍ରବ୍ୟକୁ ବ୍ୟବହାର କରି ଅନେକ ପ୍ରକାରର କାରିଗରି ଦେଖିବାକୁ ମିଳେ। ଭେଜିଟେବଲ କାର୍ଭିଙ୍ଗ, କ୍ରିମ୍ ଟପିଙ୍ଗ ଆଦି ଏହାର ଅଂଶ ବିଶେଷ। ତେବେ ଚିନି ଶିରାକୁ ବ୍ୟବହାର କରି ଏକ ପ୍ରକାର କଳା କାରିଗରି କରାଯାଉଛି, ଯାହା ଦେଖିବାକୁ ଖୁବ୍ ଆକର୍ଷଣୀୟ। ଚିନିର ଶିରା ପ୍ରସ୍ତୁତ କରି ସେଥିରେ ବିଭିନ୍ନ ଫୁଡ କଲର ମିଶ୍ରଣ କରାଯାଇଥାଏ। ଏହି ଶିରାକୁ ଛାଞ୍ଚରେ ଢଳାଯାଇ ବିଭିନ୍ନ ଆକାର ଦିଆଯାଇଥାଏ। ଏହି ସବୁ କଳାକୃତିକୁ ଖାଦ୍ୟଦ୍ରବ୍ୟ ସହ ଡାଇନିଙ୍ଗ ଟେବୁଲରେ ସର୍ଭ କରାଯାଏ, ଯାହା ଡାଇନିଙ୍ଗ ଟେବୁଲର ଶୋଭା ବଢେଇବା ସହିତ ଏହାକୁ ଖାଦ୍ୟ ରୂପେ ମଧ୍ୟ ଗ୍ରହଣ କରାଯାଇଥାଏ।









# ପାଠକୀୟ

❖ଚେହେରା ଓ ବଂଶ ପରମ୍ପରାରେ ଏମାନେ ଅଙ୍ଗ୍ଲୋ ଇଣ୍ଡିଆନ୍। କିନ୍ତୁ ମନ ମିଶିଯାଇଛି ଓଡ଼ିଆଙ୍କ ସହ। ସେଇଥିପାଇଁ ଭଲ ପାଇ ବସିଛନ୍ତି ଜଟଣୀକୁ, ଓଡ଼ିଶାକୁ ଆଉ ଓଡ଼ିଶାର ପରମ୍ପରାକୁ। ବଡ଼ଦିନ ବା ଖ୍ରୀଷ୍ଟମାସ ଅବସରରେ ଛୁଟିଦିନ ପ୍ରଚ୍ଛଦ ପ୍ରସଙ୍ଗ 'ସାହେବୀ ଠାଣି ଓଡ଼ିଆ ଚଳଣି' ପାଠଟି ଏକ ନିଆରା ଅନୁଭୂତି ଦେଲା। 'ସାଣ୍ଟାକ୍ଲଜ୍ ଭିଲେଜ୍', 'ଖ୍ରୀଷ୍ଟମାସକୁ ନେଇ କିଛି ଅଜବ ପ୍ରଥା' ଇତ୍ୟାଦି ପାଠରୁ ନୂଆ କିଛି ଶିଖିବାକୁ ମିଳିଲା।

*–ଅଶୋକ ମହାନ୍ତି, ଚକ୍ରତୀର୍ଥ ରୋଡ୍, ପୁରୀ*

❖ସେ ଦିନର ଜଟଣୀ ହେଉଛି ତତ୍କାଳୀନ ଓଡ଼ିଶାର ଏକମାତ୍ର ସହର, ଯେଉଁଠାରେ କ୍ୟାଥଲିକ୍ କଲୋନୀରେ ଶତାଧିକ ଗୋରା ସାହେବ ପରିବାର ସହ ରହୁଥିଲେ। ସେମାନଙ୍କ ମଧ୍ୟରୁ କେତେକେ ଥିଲେ ଖାଣ୍ଟି ୟୁରୋପୀୟ, ବାକି କିଛି ଆଙ୍ଗ୍ଲୋ ଇଣ୍ଡିଆନ୍। ସେମାନଙ୍କ ଉପସ୍ଥିତି ଓ ଅବସ୍ଥିତି ଜଟଣୀର ସମ୍ମାନ ବୃଦ୍ଧି କରୁଥିଲା ଆଉ ଏବେ ବି କରୁଛି। ତେଣୁ ଏହି ଗୋରା ସାହେବମାନେ କେମିତି ଜଟଣୀରେ ଖ୍ରୀଷ୍ଟମାସ ପାଳନ କରନ୍ତି, ତାହାକୁ ନେଇ ଉପସ୍ଥାପନା କରାଯାଇଥିଲା ଏଥରର ପ୍ରଚ୍ଛଦ ପ୍ରସଙ୍ଗ 'ସାହେବୀ ଠାଣି ଓଡ଼ିଆ ଚଳଣି'। ଏହା ଏକ ଶିକ୍ଷଣୀୟ ବିଷୟ ଥିଲା ଆମ ସମସ୍ତଙ୍କ ପାଇଁ। ସାଥୀର ଉତ୍ତରଗୁଡ଼ିକ ବି ମନଲାଖି ହୋଇପାରିଥିଲା।

*–ତନ୍ମୟ କୁମାର ଦାଶ, ଫୁଲବାଣୀ*

❖ଏଥରର ପ୍ରଥମ ରୋଜଗାର ସ୍ତମ୍ଭରୁ କ୍ଷୁଦ୍ର ପ୍ରାମାଣିକ ଚଳଚ୍ଚିତ୍ରର ନିର୍ମାତା ପ୍ରେମାନନ୍ଦ ମାଝିଙ୍କ ରୋଜଗାର ସମ୍ପର୍କିତ ଲେଖାଟି ପଢ଼ିଲି, ଖୁବ୍ ଖୁସି ଲାଗିଲା। ସେହିପରି ବ୍ୟକ୍ତିତ୍ୱ ପୃଷ୍ଠାରୁ ଅଭିନେତ୍ରୀ ରୀନା ରୟଙ୍କ ରିଲ୍ ଓ ରିୟଲ୍ ଲାଇଫ୍ ସମ୍ପର୍କରେ ପଢ଼ି ଅନେକ ଅଜଣା କଥା ଜାଣିବାକୁ ପାଇଲି। ସୃଜନ ପୃଷ୍ଠାରେ ସ୍ଥାନିତ 'ଭାଗ୍ୟ' ନାମକ ଗପଟି ମୋ ମନ କିଣିନେଲା।

*–ରାକେଶ ସାମନ୍ତରାୟ, ଝାରପଡ଼ା, ଭୁବନେଶ୍ୱର*

❖ସିନେମା ପୃଷ୍ଠାରେ ସ୍ଥାନିତ 'ସୁଶାନ୍ତଙ୍କ ବଦାନ୍ୟତା', 'ସଜବାଜ ହେଉଛନ୍ତି ଆର୍ଯ୍ୟନ', 'ଲିପ୍ ଲକ୍ କୁ ନା' ଆଦି ପାଠଗୁଡ଼ିକର ଉପସ୍ଥାପନାଶୈଳୀ ବେଶ୍ ଉଚ୍ଚକୋଟୀର। ଛୁଟିଦିନ ତରଫରୁ ୨୦୧୮ର ସ୍ମୃତିକୁ ସାଉଁଟିବାକୁ ପ୍ରୟାସ କରି ଉପସ୍ଥାପନା କରାଯାଇଥିବା ସ୍ୱତନ୍ତ୍ର ସ୍ତମ୍ଭ 'ସ୍ମୃତିରେ ୨୦୧୮'ଟି ପଢ଼ିବାକୁ ବହୁତ ଭଲ ଲାଗିଲା। ମଡେଲ୍ ମିରର୍‌ରେ ସମାପିକା ବେଶ୍ ସୁନ୍ଦରୀ ଲାଗୁଥିଲେ। *–ମୋହନ କୁମାର, ଭବାନୀପାଟଣା*

❖ଖ୍ରୀଷ୍ଟମାସ ଅବସରରେ କେଉଁ କେଉଁ ସ୍ଥାନକୁ ବୁଲିଗଲେ ବୁଲିବାର ମଜା ଦ୍ୱିଗୁଣିତ ହୋଇଥାଏ, ତାହାକୁ ନେଇ ଉପସ୍ଥାପନା ହୋଇଥିବା 'ଖ୍ରୀଷ୍ଟମାସ ଟ୍ରିପ୍' ପାଠଟିରୁ ଅନେକ ନୂଆ କଥା ଜାଣିବାକୁ ମିଳିଲା। ବିବିଧା ପୃଷ୍ଠାରେ ସ୍ଥାନିତ 'ଟିକେ ଖୁସି ଦେବା ପାଇଁ' ଏବଂ ବ୍ୟାକ୍‌ପେଜ୍‌ରେ ସ୍ଥାନିତ 'ପରୀ କଥା ପରି ଘୋଡ଼ା' ଓ 'ରୋଗୀ ଚଳାଇବେ ରୋବୋ' ଆଦି ପାଠଗୁଡ଼ିକ ବେଶ୍ ମଜାଦାର ଥିଲା।

*–ପ୍ରେମ୍ କୁମାର ତ୍ରିପାଠୀ, ରାଣୀହାଟ, କଟକ*

## ବିଶେଷ ଚିଠି



**ହେ** ଧରିତ୍ରୀ ଛୁଟିଦିନ
ତୁମ ଆଗମନେ
ମୋର ଅନେକ ପ୍ରୀତି ଅଭିନନ୍ଦନ,
ପ୍ରଚ୍ଛଦ ପ୍ରସଙ୍ଗ ସହ ପ୍ରଥମ ରୋଜଗାର
ତା'ସହ ସୃଜନ, ବ୍ୟାକ୍‌ପେଜ୍ ଖବର
ସତେ କିମିଆ କରୁଛି ତନୁମନ।
ସପ୍ତାହକୁ ଥରେ ଆସେ ଛୁଟିଦିନ
ତାକୁ ପାଇବାକୁ ବ୍ୟାକୁଳ ମନ।

*–ବିନୋଦ ବିହାରୀ ବେହେରା,*
*ନୂଆସାହି, ରାୟସାର୍ ଲେନ୍,*
*ନୂଆବଜାର, କଟକ*

ଧରିତ୍ରୀ ଛୁଟିଦିନ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph.:2549302, Fax : 2549795

ସୂଚନା
ଛୁଟିଦିନ ପାଇଁ ଲେଖା ଓ ଫଟୋ ପଠାଇବାର ଇ-ମେଲ୍ ଠିକଣା: chhutidinadharitri@gmail.com

# ଆଦର୍ଶ ବିବାହ



ଧୀରେ ଧୀରେ ବିବାହକୁ ନେଇ ବଦଳିବାକୁ ଲାଗିଛି ଲୋକଙ୍କ ଚିନ୍ତାଧାରା । ବହୁ ଆଡମ୍ବରର ବିବାହ ପରିବର୍ତ୍ତେ କିଏ ବିବାହ ପାଇଁ ସଞ୍ଚିତ ଟଙ୍କା ଗରିବଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି ତ ଆଉକିଏ ବଦଳାଉଛନ୍ତି ଏହା ସହ ଯୋଡି ହୋଇ ରହିଥିବା କିଛି ପରମ୍ପରା। କେହି କେହି ତ ବାଣ୍ଟୁଛନ୍ତି ସମାଜ ସଂସ୍କାରମୂଳକ ବାର୍ତ୍ତା। ଫଳରେ ବିବାହ ପାଲଟି ଯାଉଛି ଆଦର୍ଶ ବିବାହ...

ଆସନ୍ତି ବନ୍ଧୁବାନ୍ଧବ, ସଜାଯାଏ ଘର, କିଣାଯାଏ ନୂଆ ଲୁଗା-ସୁନାଗହଣା, ଖାଇବାକୁ ହୁଏ ନାନାଦି ସୁସ୍ୱାଦୁ ବ୍ୟଞ୍ଜନ। ନାଚଗୀତ, ହସଖୁସିରେ ପୂରିଉଠେ ପରିବେଶ। ବାଣ ଫୁଟେ, ରୋଶଣୀ ଧରି ବର ଆସେ। ଆଉ ଅଗ୍ନିକୁ ସାକ୍ଷୀ ରଖି ପବିତ୍ର ମନ୍ତ୍ରପାଠରେ ଯୋଡି ହେଇଯାଏ ସମ୍ପର୍କ ସାତଜନ୍ମର। ଦୁଇ ମନ, ଦୁଇ ପ୍ରାଣ ହୁଏ ଏକାକାର । ଏ ହେଉଛି ଭାରତୀୟ ପାରମ୍ପରିକ ବିବାହ । ତେବେ ଆଜିକାଲି ବିବାହକୁ ନେଇ ଲୋକଙ୍କ ଭିତରେ ବଦଳିବାକୁ ଲାଗିଛି ଚିନ୍ତାଧାରା । ଏହାର ଖୁସିକୁ ଅନେକେ ବନ୍ଧୁବାନ୍ଧବ ଓ ଦୁଇ ନୂଆ ପରିବାର ମଧ୍ୟରେ ସୀମିତ ନ ରଖି ସମସ୍ତଙ୍କ ମଧ୍ୟରେ ବାଣ୍ଟିବାକୁ ଚାହୁଁଛନ୍ତି। ସେଥିପାଇଁ ତ କିଏ ବିବାହ ପାଇଁ ସଞ୍ଚିତ ଟଙ୍କା ଗରିବଙ୍କ ପାଇଁ ଖର୍ଚ୍ଚ କରୁଛନ୍ତି ତ ଆଉକିଏ ଏହା ସହ ଯୋଡି ହୋଇ ରହିଥିବା କିଛି ପରମ୍ପରାକୁ ବଦଳାଇଛନ୍ତି। ଆଉ କେହି ବାଣ୍ଟୁଛନ୍ତି ସମାଜ ସଂସ୍କାରମୂଳକ ବାର୍ତ୍ତା। ଫଳରେ ବିବାହ ପାଲଟି ଯାଉଛି ଆଦର୍ଶ ବିବାହ...

**ଯୌତୁକରେ ୧୦୦୧ ଫଳଗଛର ଚାରା–** କେନ୍ଦ୍ରାପଡ଼ା, ପଟ୍ଟାମୁଣ୍ଡାଇସ୍ଥ ବଳଭଦ୍ରପୁର ଗାଁର ସରୋଜକାନ୍ତ ବିଶ୍ୱାଳ। ପେସାରେ ଶିକ୍ଷକ। ତାଙ୍କର ବିବାହ ଠିକ୍ ହୋଇଥିଲା ରଶ୍ମିରେଖା ପାଇଟାଲଙ୍କ ସହ, ଯେକି ଜଣେ ଶିକ୍ଷୟିତ୍ରୀ। ସରୋଜ ଥିଲେ ଯୌତୁକ ବିରୋଧୀ। ତେଣୁ ସେ ଯୌତୁକ ନେବାକୁ ସିଧା ସିଧା ମନା କରିଦେଇଥିଲେ। ହେଲେ ରଶ୍ମିଙ୍କ ବାପା ଅନୁରୋଧ କରିଥିଲେ ଯେମିତି ହେଲେ କିଛି ଦେବେ। ଶେଷରେ ସରୋଜ ଭାବି ଶ୍ୱଶୁରଙ୍କ କଥା ମାନିଲେ। ହେଲେ ଏମିତି ଏକ ଜିନିଷ ଯୌତୁକରେ ମାଗିଲେ, ଯାହା ସମସ୍ତଙ୍କୁ ଚକିତ କରିଦେଇଥିଲା। ସେ ମାଗିଥିଲେ ୧୦୦୧ଟି ଫଳଗଛ ଚାରା। ଦାବି ମୁତାବକ ରଶ୍ମିରେଖାଙ୍କ ବାପା ବିବାହ ପୂର୍ବଦିନ ବୃକ୍ଷ ଚାରାଗୁଡିକୁ ପଠାଇଦେଲେ। ଆଉ ବିବାହ ଦିନ ପ୍ରୋସେସନ୍ ସମୟରେ ଏକ ଛୋଟ ଭ୍ୟାନରେ ସେହି ଚାରା ମଧ୍ୟରୁ ୭୦୦ଟିକୁ ନେଇ ସରୋଜ ଗାଁ ଲୋକଙ୍କୁ ବାଣ୍ଟିଥିଲେ। କେବଳ ସେତିକି ନୁହେଁ ପ୍ରକୃତିପ୍ରେମୀ ସରୋଜ ବାଣ ନ ଫୁଟାଇ, ବ୍ୟାଣ୍ଡ ଓ ଡିଜେ ନ ନେଇ କେବଳ ଶଙ୍ଖ ମହୁରିଆଙ୍କ ସହ ଚାଲି ଚାଲି କନିଆ ଘରେ ପହଞ୍ଚିଥିଲେ। ଆଉ ପିନ୍ଧିଥିଲେ ଦେଶୀ ଖଦଡ଼ର ବସ୍ତ୍ର। ରିସେପ୍ସନ ଦିନ ବଳକା ଚାରା ଆସିଥିବା ଅତିଥିଙ୍କୁ ବାଣ୍ଟିଥିଲେ। ଭୋଜିରେ ପ୍ଲାଷ୍ଟିକ ଓ ପଲିଥିନ୍‌ର ମଧ୍ୟ ବ୍ୟବହାର କରି ନ ଥିଲେ। ଅତିଥିମାନଙ୍କୁ ସେ ନିଜ ଜୀବନରେ ପ୍ଲାଷ୍ଟିକ୍ ମୁକ୍ତ ହେବାକୁ ଅନୁରୋଧ କରିଥିଲେ। ଏଭଳି ଏକ ବିବାହ ସାରା ଓଡ଼ିଶାରେ ଚର୍ଚ୍ଚିତ ହୋଇଥିଲା।

**ବିବାହ ପାଇଁ ସଞ୍ଚିତ ଟଙ୍କାରେ ବାପା ତିଆରି କଲେ ଗରିବଙ୍କ ପାଇଁ ଘର–** ସବୁ ବାପାଙ୍କର ସ୍ୱପ୍ନ ଥାଏ ନିଜ ଝିଅକୁ ଭଲ ଘର, ଭଲ ବର ଦେଖି ବେଶ୍ ଧୁମଧାମରେ ବାହା କରିବେ। ଆଉ ଝିଅ ତାଙ୍କର ଏକ ସୁନ୍ଦର ଘର ବସେଇବ। ତେବେ ମହାରାଷ୍ଟ୍ରର ବ୍ୟବସାୟୀ ମନୋଜ ମୁନୋଟଙ୍କ କଥା ଥିଲା ଟିକେ ଭିନ୍ନ। ସେ ନିଜ ଝିଅର ବିବାହକୁ ସାଦାସିଦା କରି ସଞ୍ଚିତ ଟଙ୍କାରେ ଗରିବ ଲୋକଙ୍କ ପାଇଁ ନିର୍ମାଣ କରିଥିଲେ ୯୦ଟି ଘର। ଏଥିରେ ଝିଅ ଶ୍ରେୟାଙ୍କର ବି ଥିଲା ସହମତି। ଫଳରେ ଔରଙ୍ଗାବାଦରେ ତିଆରି କଲେ ୯୦ଟି ଘର, ଯେଉଁଥିରେ ଖର୍ଚ୍ଚ ହେଲା ପ୍ରାୟ ୧.୫ କୋଟି ଟଙ୍କା। ବର୍ତ୍ତମାନ ସୁଦ୍ଧା ୪୦ଟି ପରିବାର ସେହି ଘରକୁ ସ୍ଥାନାନ୍ତରିତ ହୋଇସାରିଲେଣି। ଅନେକ ଅଭାବ ଅସୁବିଧା ମଧ୍ୟରେ ଚଳୁଥିବା ଲୋକେ ପାଇଲେ ଜଳ, ବିଦ୍ୟୁତ୍ ଭଳି ସୁବିଧାସମ୍ପନ୍ନ ଘର। ମନସୁର ସାହା ନାମକ ବ୍ୟକ୍ତି ଯେ କି ଏହି ଘର ପାଇଛନ୍ତି କହନ୍ତି, ''ମୋ' ଭଳି ଯେଉଁମାନେ ବି ମନୋଟଙ୍କର ଏହି ଘର ପାଇବାର ସୌଭାଗ୍ୟ ପାଇଛନ୍ତି ସେ କେବେବି ତାଙ୍କର ଉପକାର ଓ ତାଙ୍କ ଝିଅର ବିବାହକୁ ଭୁଲିପାରିବେ ନାହିଁ।'' ଶ୍ରେୟା କହନ୍ତି, ''ଘର ପାଇବା ପରେ ଗରିବ ଆଖିରେ ଝଲସି ଉଠୁଥିବା ଖୁସିକୁ ଦେଖି ଆତ୍ମସନ୍ତୋଷ ଓ ଅପାର ଆନନ୍ଦ ମିଳିଥିଲା।'' ଆଉ ମୁନୋଟ କହନ୍ତି, ''ମୁଁ କେବେ ବି ମୋର ଏହି ନିଷ୍ପତ୍ତି ପାଇଁ ପଶ୍ଚାତାପ କରିବି ନାହିଁ। କାରଣ ଏଥିରୁ ମତେ ମିଳିଛି ଆତ୍ମତୃପ୍ତି ଓ ଅନେକ ଆଶୀର୍ବାଦ।''

**ଆତ୍ମହତ୍ୟା କରିଥିବା କୃଷକ ପରିବାରକୁ ଦାନକଲେ ବିବାହ ପାଇଁ ସଞ୍ଚିତ ଟଙ୍କା–** ୨୦୧୬ ଜୁଲାଇ ୩ରେ ମହାରାଷ୍ଟ୍ର, ଅମରାବତି ଜିଲା ଅନ୍ତର୍ଗତ ଉମ୍ରଦା ବଜାର ଗ୍ରାମର ଅଭୟ ଦେଓ୍ୱାରେ ଓ ପ୍ରୀତି କୁମ୍ଭାରେଙ୍କର ବିବାହ ହୋଇଥିଲା। ହେଲେ ଉକ୍ତ ବିବାହକୁ ଆଜିଯାଏଁ କେହି ଭୁଲି ପାରି ନାହାନ୍ତି। ବେଶ୍ ନିରାଡମ୍ବରଭାବେ ହୋଇଥିଲା ଏହି ବିବାହ। ବିବାହ ସ୍ଥାନକୁ ଫୁଲରେ ସଜା ନ ଯାଇ ସଜାଯାଇଥିଲା ପ୍ରେରଣାପ୍ରଦାୟକ ପୋଷ୍ଟର ଓ ବ୍ୟାନରରେ, ଯାହା ଅତିଥିଙ୍କୁ ସମାଜ ପାଇଁ କିଛି କରିବାକୁ ପ୍ରବର୍ତ୍ତାଉଥିଲା। ତା'ସହ ଭୋଜିରେ ନ ଥିଲା ବିଭିନ୍ନ ପ୍ରକାରର ସୁସ୍ୱାଦୁ ବ୍ୟଞ୍ଜନ। ବରଂ ଥିଲା ଭାତ, ଡାଲି, ରୁଟି ଓ ତରକାରି ଭଳି ଖାଦ୍ୟ। କେବଳ କିଛି ବନ୍ଧୁବାନ୍ଧବ ଓ ସାଙ୍ଗସାଥୀଙ୍କ ଉପସ୍ଥିତିରେ ହୋଇଥିଲା ରେଜିଷ୍ଟ୍ରୀ ମ୍ୟାରେଜ। ହେଲେ ବିବାହ ଦିନ ଉକ୍ତ ଦମ୍ପତି ଏଭଳି କାର୍ଯ୍ୟ କରିଥିଲେ ଯାହା ସମସ୍ତଙ୍କ ପାଇଁ ଉଦାହରଣ ପାଲଟିଥିଲା। ସେଦିନ ସେମାନେ ଋଣଭାର ସହି ନ ପାରି ଏବଂ ଶସ୍ୟହାନି ପାଇଁ ଆତ୍ମହତ୍ୟା କରିଥିବା ୧୦ଟି ପରିବାରକୁ ୨୦,୦୦୦ ଲେଖାଏଁ ପ୍ରଦାନ କରିଥିଲେ। ଏହାଛଡା ଅମରାବତୀର ୫ଟି ପାଠାଗାରକୁ ୫୨୦୦୦ଟଙ୍କାର ପୁସ୍ତକ ମଧ୍ୟ ପ୍ରଦାନ କରିଥିଲେ। ଏଭଳି ବିବାହ ପଛରେ ଉକ୍ତ ଦମ୍ପତିଙ୍କ ଆଉ ଏକ ଉଦ୍ଦେଶ୍ୟ ଥିଲା– ଲୋକଙ୍କ ମଧ୍ୟରେ ଦେଖାଣିଆ ଓ ପ୍ରତିଯୋଗିତା ମନୋଭାବ ଦୂର କରି ସ୍ୱଳ୍ପ ଖର୍ଚ୍ଚରେ ବିବାହ ପାଇଁ ପ୍ରେରିତ କରିବା। ଅଭୟ ଦେଓ୍ୱାରେ ହେଉଛନ୍ତି ଜଣେ କୃଷକ ପରିବାରର ଯୁବକ। ଆଇଆଇଟି ଦିଲ୍ଲୀରେ ବିଟେକ୍ କରିବା ପରେ ସେ ୨୦୧୫ରେ ୟୁପିଏସ୍‌ସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲେ। ଆଉ ଇଣ୍ଡିଆନ୍ ରେଭିନ୍ୟୁ ସର୍ଭିସେସ୍‌ରେ ଯୋଗଦେଲେ। ପୁଣେରେ ୟୁପିଏସ୍‌ସି ପରୀକ୍ଷା ପାଇଁ ପ୍ରସ୍ତୁତି କରିବାବେଳେ ତାଙ୍କର ପ୍ରୀତି କୁମ୍ଭାରେଙ୍କ ସହ ଦେଖା ହୋଇଥିଲା। ଖୁବ୍ ଶୀଘ୍ର ଦୁହିଁଙ୍କ ଭିତରେ ବନ୍ଧୁତା ହୋଇଗଲା। ଆଉ ବନ୍ଧୁତା ବିବାହ ଆଡକୁ ଗତିକଲା। ଏହି ସମୟରେ ଅଭୟ ନାଗପୁରରେ ଇନ୍‌କମ୍ ଟ୍ୟାକ୍ସର ଆସିଷ୍ଟାଣ୍ଟ କମିଶନର ଭାବେ ଓ ପ୍ରୀତି ମୁମ୍ବାଇର ଆଇଡିବିଆଇ ବ୍ୟାଙ୍କରେ ଆସିଷ୍ଟାଣ୍ଟ ମ୍ୟାନେଜରଭାବେ ଯୋଗ ଦେଇଥାଆନ୍ତି। କର୍ମବ୍ୟସ୍ତତା ସତ୍ତ୍ୱେ ସମ୍ପର୍କ ଆଗେଇ ଚାଲିଥାଏ। ୨୦୧୬ରେ ଅଭୟ ଓ ତାଙ୍କ ସହଯୋଗୀଙ୍କୁ ଥରେ ସୁଯୋଗ ମିଳିଲା ରାଷ୍ଟ୍ରପତି ପ୍ରଣବ ମୁଖାର୍ଜୀଙ୍କ ସହ ସାକ୍ଷାତ କରିବାକୁ। ସେ ଏହି ଯୁବ ଅଫିସରଙ୍କୁ ପରାମର୍ଶ ଦେଇଥିଲେ ସାମାଜିକ ଅର୍ଥନୀତିରେ ପରିବର୍ତ୍ତନ ଆଣିବା ଲାଗି କର୍ଣ୍ଣଧାର ସାଜିବାକୁ, ଯାହାକି ତାଙ୍କୁ ବହୁତ ପ୍ରଭାବିତ କରିଥିଲା। ଏହି ସମୟରେ ସେ ଭାରତୀୟ ବିବାହ ସମ୍ପର୍କିତ ଏକ ପରିସଂଖ୍ୟାନ ସମ୍ପର୍କରେ ଜାଣିବାକୁ ପାଇଲେ ଯେ, ଭାରତରେ ପ୍ରତିବର୍ଷ ୧ ଲକ୍ଷ କୋଟି ଟଙ୍କା ବିବାହ ପାଇଁ ଖର୍ଚ୍ଚ ହୋଇଥାଏ। ସେ ଆହୁରି ବି ଜାଣିବାକୁ ପାଇଲେ କୃଷକ ଆତ୍ମହତ୍ୟା ପଛରେ ବିବାହ ହେଉଛି ଏକ ପ୍ରମୁଖ କାରଣ। ଏଥିପାଇଁ ଅନେକ ସମୟରେ ସେମାନଙ୍କୁ ଧାରକରଜ, ଏମିତିକି ଜମି ବିକ୍ରି କରିବାକୁ ପଡେ। ତେଣୁ ସେ ନିଷ୍ପତ୍ତି ନେଲେ ସେ ନିଜ ବିବାହକୁ ନିରାଡମ୍ବର ଭାବେ କରିବେ। ଆଉ ବିବାହ ନିମନ୍ତେ ସଞ୍ଚିତ ଅର୍ଥକୁ ଆତ୍ମହତ୍ୟା କରିଥିବା କୃଷକଙ୍କ ପରିବାରକୁ ଦାନ କରିବେ। ଏଥିରେ ପ୍ରୀତିଙ୍କର ବି ସମର୍ଥନ ରହିଲା। ପରିବାରବର୍ଗ ବି ଏହାକୁ ସହମତି ଜଣାଇଲେ। ଆଉ ଏଭଳି ଏକ ସ୍ମରଣୀୟ ବିବାହ କଲେ।

**ପୁଅ ବାହାଘରେ ନିମନ୍ତ୍ରିତ ହେଲେ ୧୮୦୦୦ ବିଧବା–** ଶୁଭକାର୍ଯ୍ୟ ହେଉକି କୌଣସି ଉତ୍ସବ,

→



ଆଶିଷ ବଶିଷ୍ଠ ଓ ସଲୋନି ସିଦାନା



ଜିତେନ୍ଦ୍ର ପଟେଲ ନିମନ୍ତ୍ରଣ କରିଥିବା ବିଧବା ମହିଳା







ଖାସ୍‌କରି ବିବାହ ସମୟରେ ବିଧବା ମହିଳାଙ୍କ ଉପସ୍ଥିତିକୁ ଭାରତୀୟ ସମାଜରେ ଅଶୁଭ ଭାବେ ବିବେଚନା କରାଯାଏ। କାରଣ ବିଶ୍ୱାସ ରହିଛି ସେମାନଙ୍କ ଉପସ୍ଥିତି ଦୁର୍ଭାଗ୍ୟ ଆଣିଥାଏ। ହେଲେ ଗୁଜରାଟ, ମେହଶାନାର ବ୍ୟବସାୟୀ ଜିତେନ୍ଦ୍ର ପଟେଲ ବିଧବାଙ୍କ କ୍ଷେତ୍ରରେ ହେଉଥିବା ଏହି ଅନ୍ୟାୟ ସହିପାରି ନ ଥିଲେ। ଆଉ ନିଜ ପୁଅ ରବିଙ୍କ ବାହାଘରରେ ସମାଜର ଏହି କୁତ୍ସିତ ପରମ୍ପରାକୁ ଭାଙ୍ଗି, ନବ ବର-ବଧୂଙ୍କୁ ଆଶୀର୍ବାଦ ଦେବା ନିମନ୍ତେ ନିମନ୍ତ୍ରଣ କରିଥିଲେ ୧୮୦୦୦ ବିଧବାଙ୍କୁ। କେବଳ ସେତିକି ନୁହେଁ ,ବାହାଘର ପରେ ଜିତେନ୍ଦ୍ର ପଟେଲ ସେମାନଙ୍କୁ କମ୍ବଳ ଓ ଗଛ ଉପହାର ସ୍ୱରୂପ ପ୍ରଦାନ କରିଥିଲେ। ୫୦୦ ଗରିବ ବିଧବା ମହିଳାଙ୍କୁ ତ ସେ ଗାଈ ପ୍ରଦାନ କରିଥିଲେ ; ଯଦ୍ୱାରା ସେମାନେ ନିଜେ ରୋଜଗାରକ୍ଷମ ହୋଇପାରିବେ। ଏହି ବିଧବାମାନଙ୍କୁ ଉତ୍ତର ଗୁଜରାଟର ୫ଟି ଜିଲ୍ଲାରୁ ନିମନ୍ତ୍ରଣ କରାଯାଇଥିଲା। ଜିତେନ୍ଦ୍ର କହନ୍ତି, ‘‘ଲୋକେ ଶୁଭକାର୍ଯ୍ୟରେ ବିଧବାଙ୍କ ଉପସ୍ଥିତିକୁ ଅଶୁଭ ମଣନ୍ତି। ହେଲେ ତାକୁ ମୁଁ ଭୁଲ୍ ପ୍ରମାଣିତ କରିବାକୁ ଚାହୁଁଥିଲି। ଆଉ ସେମାନେ ମୋ ପୁଅ-ବୋହୂଙ୍କୁ ଆଶୀର୍ବାଦ ଦେବାବେଳେ ମତେ ବହୁତ ଖୁସି ଅନୁଭୂତ ହୋଇଥିଲା।’’

**ମା’ କଲେ କନ୍ୟାଦାନ**- କନ୍ୟାଦାନ ମହାପୁଣ୍ୟ। ତେବେ ଏହି ପୁଣ୍ୟ କାମ କରିବାର ସୌଭାଗ୍ୟ ସବୁବେଳେ ପୁରୁଷ ତଥା ବାପାଙ୍କୁ ମିଳିଥାଏ। ଭାରତୀୟ ସମାଜରେ ମା’ଙ୍କୁ ଏହି ସୌଭାଗ୍ୟ ମିଳି ନ ଥାଏ। ହେଲେ ଏହି ପରମ୍ପରାକୁ ଭାଙ୍ଗି ଜଣେ ମା’ ନିଜ ଝିଅର କନ୍ୟାଦାନ କରିଛନ୍ତି। ଲଣ୍ଡନରେ ରହୁଥିବା ଶିଖ୍ ଧର୍ମର ହରନୁର ଗ୍ରେୱାଲ୍ ନାମକ ଝିଅଙ୍କ ମା’ ତାଙ୍କ ବିବାହରେ କନ୍ୟାଦାନ କରିଥିଲେ। ଆଉ ତାଙ୍କ ମା’ଙ୍କର ଏହି ପଦକ୍ଷେପରେ ସେ ବହୁତ ଖୁସି ଥିଲେ। ଏମିତିକି ଏହି ସମୟରେ ତାଙ୍କ ଆଖିରୁ ଲୁହ ଝରି ଆସିଥିଲା। ହରନୁର୍ କହନ୍ତି, ‘‘ବାପା ଆମକୁ ଛାଡି ଚାଲିଯାଇଥିଲେ। ଆମେ ୫ ଭଉଣୀ। ଆଉ ଆମ ସମସ୍ତଙ୍କୁ ମା’ ହିଁ ବଡ଼ କରିଛନ୍ତି ଓ ସ୍ୱାଧୀନଭାବେ ବଞ୍ଚିବା ଶିଖେଇଛନ୍ତି। ବାପା ଆମକୁ ଛାଡିଗଲା ସମୟରେ ଲୋକେ ମା’ଙ୍କୁ ଦୋଷ ଦେଇଥିଲେ। ଆଉ କନ୍ୟାଦାନ କରିବା ସମୟରେ ବି ଅନେକ ସମାଲୋଚନାର ଶିକାର ହୋଇଥିଲେ। ହେଲେ ମୁଁ ମୋ’ ମା’ଙ୍କ ପଦକ୍ଷେପରେ ବେଶ୍ ଗର୍ବିତ। ’’



ହରନୁର ଗ୍ରେୱାଲ୍‌ଙ୍କ କନ୍ୟାଦାନ କରୁଛନ୍ତି ତାଙ୍କ ମା’

**ସାଇକେଲରେ ଆସିଲେ ୨୫୮ ବର**- ପରମ୍ପରା ଅନୁଯାୟୀ ବାଣ, ବାଜା, ରୋଶଣି ନେଇ ବର, ଘୋଡ଼ା ଉପରେ ଅବା ସୁସଜ୍ଜିତ କାର୍‌ରେ ବସି କନିଆ ଘରକୁ ଆସେ। ଆଉ ରୀତିନୀତି ଅନୁଯାୟୀ ବିବାହ କରି କନ୍ୟାକୁ ସାଙ୍ଗରେ ନେଇଯାଏ। ତେବେ ସୁରଟର ଏକ ବିବାହରେ ଭିନ୍ନ ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା। ଏହା ଥିଲା ଏକ ସାମୂହିକ ବିବାହ ଉତ୍ସବ, ଯାହାକୁ ସୌରାଜ୍ୟ ପଟେଲ ସେବା ସମାଜ ଆୟୋଜନ କରିଥିଲା। ଏକା ସମୟରେ ଏଥିରେ ୨୫୮ ଯୋଡିଙ୍କର ବିବାହ ହୋଇଥିଲା। ତେବେ ପରିବେଶ ସଚେତନ ବରମାନେ ନିଷ୍ପତ୍ତି ନେଇଥିଲେ ସେମାନେ ଘୋଡା କି ଗାଡି ନୁହେଁ, ସାଇକେଲ ଚଢି ବିବାହସ୍ଥଳରେ ପହଞ୍ଚିବେ। ଉଦ୍ଦେଶ୍ୟ ଥିଲା ଲୋକଙ୍କ ମଧ୍ୟରେ ସହରର ଟ୍ରାଫିକ୍ ସମସ୍ୟା ଓ ବର୍ଦ୍ଧିତ ପ୍ରଦୂଷଣ ସମ୍ପର୍କରେ ସଚେତନତା ସୃଷ୍ଟି କରିବା। ଏହାବ୍ୟତୀତ ବାଣ ନ ଫୁଟାଇ ଲୋକଙ୍କୁ ଏହାଦ୍ୱାରା ହେଉଥିବା ଧ୍ୱନି ଓ ବାୟୁ ପ୍ରଦୂଷଣ ରୋକିବାର ସନ୍ଦେଶ ଦେବା। ସେଥିପାଇଁ ପ୍ରତ୍ୟେକ ବର ହାତରେ ପରିବେଶ ସୁରକ୍ଷା ପାଇଁ ଅଧିକରୁ ଅଧିକ ସାଇକେଲ ଚଳାଇବାର ନିବେଦନ ଥିବା ପୋଷ୍ଟର ଧରି ସାଇକେଲ ଚଳାଇ ବିବାହ ସ୍ଥାନକୁ ପହଞ୍ଚିଥିଲେ। ଆଉ ଏହି ଯାତ୍ରାରେ ଅଧିକରୁ ଅଧିକ ଲୋକ ସାମିଲ ହେବା ଲାଗି ଆହ୍ୱାନ ବି ଦେଇଥିଲେ।

**ପୁଅ ବାହାଘର ଟଙ୍କାରେ କରାଇଲେ ୧୦୦ ଝିଅଙ୍କ ବିବାହ**- ସୁରଟର ଜଣେ ବିଜ୍‌ନେସ୍ ଟାଇକୁନ୍ ହେଉଛନ୍ତି ଗୋପାଳ ବାସ୍ତପରା। ସେ ଚାହିଁଥିଲେ ନିଜ ପୁଅର ବିବାହ ବେଶ୍ ଧୁମଧାମରେ କରାଇପାରିଥାଅନ୍ତେ। ହେଲେ ସେ ସେମିତି କରି ନ ଥିଲେ। ବରଂ ବହୁତ ସାଦାସିଧା କରିଥିଲେ, ଯେଉଁଥିରେ ଯୋଗ ଦେଇଥିଲେ ମାତ୍ର ୩୦୦ ଅତିଥି। ସେଥିରେ ଅଧିକାଂଶ ଥିଲେ ବନ୍ଧୁବାନ୍ଧବ। ଆଉ ପୁଅ ବିବାହ ପାଇଁ ସଞ୍ଚିଥିବା ବାକି ଟଙ୍କାରେ ସେ କରିଥିଲେ ଏକ ପୁଣ୍ୟ କାମ। ସେ ହେଉଛି ୧୦୦ଜଣ ଗରିବ ଝିଅଙ୍କୁ ବିବାହ କରାଇବା। ଅମରେଲି ଜିଲ୍ଲାର ଚମର୍ଦି ଗ୍ରାମରେ ହୋଇଥିଲା ବିବାହ। ଏଥିରେ ନ ଥିଲା କୌଣସି ଜାତିଧର୍ମର ବାଛ ବିଚାର। ଅମରେଲି ଓ ରାଜକୋଟ ଜିଲ୍ଲାର ବିଭିନ୍ନ ତାଲୁକାରୁ ଗରିବ ଏବଂ ବାହାଘର କରିବା ପାଇଁ ଅସମର୍ଥ ପରିବାରର ଝିଅମାନଙ୍କୁ ଏଥିପାଇଁ ଚୟନ କରାଯାଇଥିଲା। ଏଥିରେ ୬ଜଣ ମୁସଲିମ୍ ଝିଅ ବି ଥିଲେ। ବିବାହରେ ବରକନ୍ୟା ତରଫରୁ ଯେତେ ଚାହିଁବେ ଅତିଥିଙ୍କୁ ଡକାଯାଇପାରିବ ବୋଲି ବି କୁହାଯାଇଥିଲା। ଫଳରେ ୬୦,୦୦୦ରୁ ଉର୍ଦ୍ଧ୍ୱ ଅତିଥି ଏଥିରେ ଯୋଗ ଦେଇଥିଲେ। ଆଉ ଏଥିରେ ୩ କୋଟିରୁ ଉର୍ଦ୍ଧ୍ୱ ଖର୍ଚ୍ଚ ହୋଇଥିଲା। ବିବାହ ଦିନ ସବୁ ନବବିବାହିତ ଯୋଡିଙ୍କୁ ଶିଶୁକନ୍ୟା ବଞ୍ଚାଅ, ପରିବେଶ ବଞ୍ଚାଅ ବାର୍ତ୍ତା ବି ପ୍ରଦାନ କରାଯାଇଥିଲା।

**୫୦୦ଟଙ୍କାରେ ବିବାହ କଲେ ଆଇଏଏସ୍ ଯୋଡ଼ି**- ବିବାହ ଖର୍ଚ୍ଚ ଜୀବନର ଏକ ସବୁଠୁ ବଡ଼ ଖର୍ଚ୍ଚ। ତେଣୁ ମା’ବାପା ବହୁ ପୂର୍ବରୁ ଏଥିପାଇଁ ଟଙ୍କା ସଞ୍ଚୟ କରିବା ଆରମ୍ଭ କରିଦିଅନ୍ତି। ତେବେ ମଧ୍ୟପ୍ରଦେଶର ଦୁଇଜଣ ପ୍ରଶାସନିକ ଅଧିକାରୀ ସବୁଠାରୁ କମ୍ ଖର୍ଚ୍ଚରେ ବିବାହ କରି ସମସ୍ତଙ୍କୁ ଚକିତ କରିବା ସହ ଉଦାହରଣ ପାଲଟିଛନ୍ତି। ତାଙ୍କ ବିବାହରେ ଖର୍ଚ୍ଚ ହୋଇଛି ସର୍ବମୋଟ ୫୦୦ଟଙ୍କା। ଏହି ଦମ୍ପତି ହେଉଛନ୍ତି ଦୁଇ ଆଇଏଏସ୍ ଅଫିସର ଆଶିଷ ବଶିଷ୍ଠ ଓ ସଲୋନି ସିଦାନା। ସେମାନେ ମଧ୍ୟପ୍ରଦେଶ, ଭିନ୍ଦ ଜିଲ୍ଲାର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍‌ଙ୍କ ଅଫିସ୍‌ରେ ପରିବାର ଓ ବନ୍ଧୁବାନ୍ଧବଙ୍କ ଉପସ୍ଥିତିରେ ରେଜିଷ୍ଟ୍ରି ମ୍ୟାରେଜ୍ କରିଥିଲେ। ଆଉ ଫିସ୍ ହିସାବରେ ୫୦୦ଟଙ୍କା ପ୍ରଦାନ କରିଥିଲେ। ଏତିକି ହିଁ ଥିଲା ଏହି ଆଇଏଏସ୍ ଯୋଡିଙ୍କ ବିବାହ ଖର୍ଚ୍ଚ। ଆଇଏଏସ୍ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ପରେ ତାଲିମ ନେବା ସମୟରେ ଦୁହିଁଙ୍କର ଦେଖା ହୋଇଥିଲା। ପରେ ତାହା ପ୍ରେମର ରୂପ ନେଇଥିଲା। ଦୁହେଁ ବିବାହ କରିବାକୁ ନିଷ୍ପତ୍ତି ନେଲେ। ହେଲେ ବିବାହରେ ଅଯଥା ଖର୍ଚ୍ଚ ଓ ବଡ଼ପଣିଆ ପ୍ରଦର୍ଶନକୁ ଉଭୟେ ପସନ୍ଦ କରୁ ନ ଥିଲେ। ତେଣୁ ଏଭଳି ବିବାହ କଲେ।



ଅଭୟ ଦେଓ୍ୱାରେ-ପ୍ରୀତି କୁମ୍ଭାରେ

**ସୁନା ନୁହେଁ, ବୃକ୍ଷଚାରା ଦାବି କଲେ କନିଆ**- ୨୨ ବର୍ଷୀୟା ପ୍ରିୟଙ୍କା ଭଦୋରିଆ ବିବାହ ପୂର୍ବରୁ ଏମିତି ଏକ ଦାବି କଲେ, ଯାହା ଉଭୟ ତାଙ୍କର ଏବଂ ବରଙ୍କ ପରିବାର ଲୋକଙ୍କୁ ଚକିତ କରିଦେଲା। ଆଉ ସେହି ଦାବିଟି ହେଉଛି ସୁନାଗହଣା, ଦାମୀ ଶାଢ଼ି ପରିବର୍ତ୍ତେ ୧୦,୦୦୦ ବୃକ୍ଷଚାରା ଦେବା। ଏହି ଦାବି ଶୁଣିବା ପରେ ତାଙ୍କ ଭାବୀ ସ୍ୱାମୀ ରବି ଚୌହାନ ଖୁସି ହୋଇଯାଇଥିଲେ। ଆଉ ପ୍ରିୟଙ୍କାଙ୍କ ପରିବେଶ ପ୍ରେମକୁ ପ୍ରଶଂସା କରିଥିଲେ। ପ୍ରିୟଙ୍କା ହେଉଛନ୍ତି ଭିନ୍ଦ୍ ଜିଲ୍ଲା, କିଶିପୁର ଗ୍ରାମ ବାସିନ୍ଦା। ପ୍ରିୟଙ୍କା କହନ୍ତି, ‘‘ମୁଁ ପରିବେଶକୁ ବହୁତ ଭଲ ପାଏ। ଯେବେ ମୋର ବିବାହ ଆର୍ଥଡେ’ରେ ସ୍ଥିର କରାଗଲା, ବହୁତ ଖୁସି ଲାଗିଲା। ଏହାଛଡା ଆମ ଅଞ୍ଚଳରେ ଜଙ୍ଗଲ ନଷ୍ଟହେବା ପରେ ଦୁର୍ଭିକ୍ଷ ଓ ଶସ୍ୟହାନି ଘଟି ମୋ ବାପା, ଯିଏକି କୃଷକ ଓ ଅନ୍ୟ କୃଷକଙ୍କ ସଂଘର୍ଷ ଦେଖିଛି। ତେଣୁ ଏହି ଦାବି କଲି। ଆଉ ବିବାହ ପରେ ସ୍ୱାମୀଙ୍କ ସହ ମିଶି ସେହି ବୃକ୍ଷସବୁ ରୋପଣ କଲି। ପ୍ରତିବର୍ଷ ବିବାହ ବାର୍ଷିକୀରେ ବି ବୃକ୍ଷରୋପଣ କରିବାକୁ ନିଷ୍ପତ୍ତି ନେଇଛି। ଏଥିରେ ମୋ ସ୍ୱାମୀ ବି ସହମତି ଜଣାଇଛନ୍ତି।’’

ବିବାହ ଏକ ଖୁସିର ମୁହୂର୍ତ୍ତ। ହେଲେ ଏହା କେବେ କାହାର ଦେବାଳିଆ ଓ ଆତ୍ମହତ୍ୟାର କାରଣ ନ ସାଜୁ। ଏହା ଖୁସି ବାଣ୍ଟୁ ନିଜ ପରିବାର,ବନ୍ଧୁବାନ୍ଧବଙ୍କ ସହ ଅଭାବି ମଣିଷଙ୍କ ମଧ୍ୟରେ। ଆଉ ବାଣ୍ଟୁ ସମାଜ ସଂସ୍କାରର ବାର୍ତ୍ତା। ପ୍ରତି ବିବାହର ଉଦ୍ଦେଶ୍ୟ ଏହା ରହିଲେ ହିଁ ବଦଳିଯିବ ସମାଜର ଚିତ୍ରପଟ।

– **ଶିବାନୀ**



ସରୋଜକାନ୍ତ ବିଶ୍ୱାଳ



ମନୋଜ ମୁନୋଟ



# ଆନିମଲ୍ ଥିମ୍ ଜୁଏଲେରି



**ପଶୁପକ୍ଷୀ ତଥା କୀଟପତଙ୍ଗଙ୍କ ଦେହର ରଙ୍ଗ, ଚିହ୍ନ ତଥା ସେମାନଙ୍କ ଗଠନ ଶୈଳୀକୁ ଅନୁକରଣ କରି ତିଆରି କରାଯାଉଥିବା ଜୁଏଲେରିକୁ ଆନିମଲ୍ ଥିମ୍ ଜୁଏଲେରି କୁହାଯାଇଥାଏ। ଏହା ଦେଖିବାକୁ ଅଜବ ଲାଗୁଥିଲେ ହେଁ ନିମିଷକେ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ...**









ଅନେକ ସମୟରେ ଦେଖାଯାଏ, ପଶୁପକ୍ଷୀ ଓ କୀଟପତଙ୍ଗ ବି କିଛି ସୃଜନଶୀଳ କାର୍ଯ୍ୟ ପାଇଁ ପ୍ରେରଣା ଦେଇଥାଆନ୍ତି। ବେଳେବେଳେ ସେମାନଙ୍କ ଦେହର ରଙ୍ଗ, ତାଙ୍କ ଦେହରେ ଥିବା ଚିହ୍ନ ତଥା ସେମାନଙ୍କ ଗଠନ ଶୈଳୀକୁ ଅନୁକରଣ କରି ବିଭିନ୍ନ ପ୍ରକାର ଫ୍ୟାଶନ ଆସେସରିଜ୍ ତିଆରି କରାଯାଇଥାଏ, ଯାହା ଦେଖିବାକୁ ନିଆରା ଲାଗିବା ସହ ଅନ୍ୟମାନଙ୍କର ଦୃଷ୍ଟି ଆକର୍ଷଣ କରିଥାଏ। ଆଜିକାଲି ଜୁଏଲେରିରେ ବି ଆନିମଲ୍ ଥିମ୍‌କୁ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି, ଯାହାକୁ କୁହାଯାଉଛି ଆନିମଲ୍ ଥିମ୍ ଜୁଏଲେରି। ଏହାର ଅନେକ ଭେରାଇଟି ଆସୁଥିଲେ ହେଁ ମାର୍କେଟ୍‌ରେ ଏହି ଜୁଏଲେରିର କେଉଁ କେଉଁ ଡିଜାଇନ୍‌ର ଭଲ ଚାହିଦା ରହୁଛି, ଆସନ୍ତୁ ଜାଣିବା ସେ ସମ୍ପର୍କରେ...

**ନେକ୍‌ଲେସ୍:** ବିଭିନ୍ନ ପ୍ରକାରର ରଙ୍ଗିନ୍ ପକ୍ଷୀ, ମାଛ, ପ୍ରଜାପତି ତଥା ମହୁମାଛିର ଡିଜାଇନ୍‌କୁ ଅନୁକରଣ କରି ତିଆରି ହେଉଥିବା ନେକ୍‌ଲେସ୍ ଏବେ ମାର୍କେଟ୍‌ରେ ମିଳିଲାଣି। ଏହାର ଚାହିଦା ବି ଖୁବ୍ ରହୁଛି। କିନ୍ତୁ ଏବେ ସାପ ଡିଜାଇନ୍ ନେକ୍‌ଲେସ୍‌ର ଚାହିଦା ଦିନକୁ ଦିନ ବଢ଼ିବାରେ ଲାଗିଛି।

**ଫିଙ୍ଗର ରିଂ:** ହାତର ସୌନ୍ଦର୍ଯ୍ୟ ବଢ଼ାଇବା ପାଇଁ ଫିଙ୍ଗର ରିଂର ବ୍ୟବହାର କରାଯାଇଥାଏ। କିନ୍ତୁ ଯେଉଁମାନେ ଟିକେ ଅଜବ ଲୁକ୍ ଚାହାନ୍ତି, ସେମାନେ ଚାହିଁଲେ ଆନିମଲ୍ ଥିମ୍‌ର ଫିଙ୍ଗର୍ ରିଂ ବ୍ୟବହାର କରିପାରିବେ। ଏଥିପାଇଁ ହାତୀ, କଙ୍କଡ଼ା, ବେଙ୍ଗ, ଡ୍ରାଗନ୍, ବାଘ, ସିଂହ, ଫ୍ଲାମିଙ୍ଗୋ ତଥା ବିଭିନ୍ନ ପ୍ରକାର ଚଢ଼େଇର ଥିମ୍‌କୁ ଅନୁକରଣ କରି ତିଆରି ହେଉଥିବା ଫିଙ୍ଗର ରିଂ ଭଲ ଅପ୍ସନ ହେବ।

**ଇୟର ରିଂ ଓ ଇୟର କଫ୍:** ଗୁଣ୍ଡୁଚିମୂଷା, ରଙ୍ଗିନ୍ କଙ୍କି, ବିଲେଇର ମୁହଁ, ମୟୂର, କଙ୍କଡ଼ା, ମାଛ ଇତ୍ୟାଦି ଡିଜାଇନ୍‌ର ଛୋଟ ଛୋଟ ଇୟର ରିଙ୍ଗ୍ସ ଦେଖିବାକୁ ସିନା ଟିକେ ଅଜବ ଲାଗେ, ହେଲେ ଏହାକୁ କ୍ୟାରି କଲେ ଏକ ଡିଫରେଣ୍ଟ ଲୁକ୍ ମିଳିଥାଏ। ସେହିପରି ଡ୍ରାଗନ୍ ଡିଜାଇନ୍‌ର ଇୟର କଫ୍ ଯୁବପିଢ଼ିଙ୍କୁ ଖାସ୍ ଲୁକ୍ ଦେଇଥାଏ।

**ବ୍ରେସ୍‌ଲେଟ୍:** ସାପ ଡିଜାଇନ୍‌ର ବ୍ରେସ୍‌ଲେଟ୍, ଏପରିକି ସେଥିରେ ହୋଇଥିବା ଘଣ୍ଟାର ଡିଜାଇନ୍ ପିନ୍ଧିବାକୁ ସିନା ଟିକେ ଅଜବ ଲାଗେ ; କିନ୍ତୁ ଏହା ମଡର୍ନ ଲୁକ୍ ଦେଇଥାଏ। ତା'ଛଡ଼ା ପେଚା, ହାତୀ, ସିଂହ ଓ ବାଘ ମୁହଁର ଆକୃତିକୁ ଅନୁକରଣ କରି ଡିଜାଇନ ହୋଇଥିବା ବ୍ରେସ୍‌ଲେଟ୍ ବି ଆପଣ ଚାହିଁଲେ ଟ୍ରାଏ କରିପାରିବେ।

**ପେଣ୍ଡେଣ୍ଟ:** ବିଭିନ୍ନ ପ୍ରକାରର ରଙ୍ଗିନ୍ ଚଢ଼େଇ ଥିମ୍‌ର ପେଣ୍ଡେଣ୍ଟ ବି ନିଆରା ଲୁକ୍ ଦେଇଥାଏ।









# ଅନୁଭବୀ ଲେଖକ



**ଏଡ୍‌ୱାର୍ଡ ଯୁଗର ମଧ୍ୟବର୍ତ୍ତୀ କାଳରେ କେନ୍‌ଙ୍କର ଲେଖନୀ ଉତ୍କର୍ଷ ଲାଭ କରିଥିଲା। ତାଙ୍କର ସମ୍ପୂର୍ଣ୍ଣ ନାମ ସାର ଥମାସ୍ ହେନ୍‌ରୀ ହଲ କେନ୍। ସେ ଉଭୟ ଔପନ୍ୟାସିକ ତଥା ନାଟ୍ୟକାର ଭାବରେ ସୁପ୍ରସିଦ୍ଧ। ସେ ଜଣେ ବାସ୍ତବବାଦୀ ତଥା ଭାବପ୍ରବଣ ଲେଖକ ଥିଲେ...**















ଭିକ୍ଟୋରିଆ ଯୁଗର ଜଣେ ବିଶିଷ୍ଟ ଲେଖକ ଥିଲେ ହଲ କେନ୍। ଭିକ୍ଟୋରିଆ ଏବଂ ଏଡ୍‌ୱାର୍ଡ ଯୁଗର ମଧ୍ୟବର୍ତ୍ତୀ କାଳରେ କେନ୍‌ଙ୍କର ଲେଖନୀ ଉତ୍କର୍ଷ ଲାଭ କରିଥିଲା। ତାଙ୍କର ସମ୍ପୂର୍ଣ୍ଣ ନାମ ସାର ଥମାସ୍ ହେନ୍‌ରୀ ହଲ କେନ୍। ସେ ଉଭୟ ଔପନ୍ୟାସିକ ତଥା ନାଟ୍ୟକାର ଭାବରେ ସୁପ୍ରସିଦ୍ଧ। ସେ ଜଣେ ବାସ୍ତବବାଦୀ ତଥା ଭାବପ୍ରବଣ ଲେଖକ ଥିଲେ। ତାଙ୍କର ଲେଖାସବୁ ତ୍ରିକୋଣୀୟ ପ୍ରେମ, ବିଚ୍ଛେଦ, ବିରହ ଆଦିକୁ ନେଇ ରଚିତ। ପ୍ରେମ ସହିତ ସାମାଜିକ ସମ୍ପର୍କ ତାଙ୍କ ରଚନାବଳୀଗୁଡ଼ିକରେ ଦେଖିବାକୁ ମିଳିଥାଏ।

**ଜନ୍ମ ଓ ପିଲାବେଳ :** ୧୮୫୩ ମସିହା ମେ' ୧୪ ତାରିଖରେ ବ୍ରିଟେନ୍‌ରେ କେନ୍‌ଙ୍କର ଜନ୍ମ । ତାଙ୍କ ମୂଳ ନାମ ହେଉଛି ସାର୍ ଥମାସ୍ ହେନ୍‌ରୀ ହଲ କେନ୍। କେନ୍‌ଙ୍କ ବାପା ଜାହାଜର ଜଣେ ତଳିଆ କର୍ମଚାରୀ ଥିଲେ। ବ୍ରିଟେନ୍‌ର ହୋପ୍‌ଷ୍ଟ୍ରିଟ୍‌ଠାରେ କେନ୍‌ଙ୍କର ପାଠପଢ଼ା ଆରମ୍ଭ ହୋଇଥିଲା। ପିଲାଟି ବେଳରୁ କେନ୍ କାଳ୍ପନିକ କାହାଣୀ କିମ୍ବଦନ୍ତୀକୁ ଭଲପାଉଥିଲେ। ଲୋକକଥା, କିମ୍ବଦନ୍ତୀ ଆଦି ପଢୁଥିଲେ। ଲିଭରପୁଲର ଏକ ପାଠାଗାରରେ ଦେଶ ବିଦେଶର ବହୁ ବହି ରଖାଯାଇଥିଲା। କେନ୍ ୧୫ ବର୍ଷ ବୟସ ବେଳକୁ ସେଠାରେ ଥିବା ସବୁତକ ବହି ପଢ଼ି ଶେଷ କରି ଦେଇଥିଲେ। ସେ ଶିକ୍ଷା ସାରି ଏକ ଖବରକାଗଜରେ କାମ କରିବା ଆରମ୍ଭ କରିଥିଲେ।

**ଜେଜେଙ୍କ ଦେହାନ୍ତ ଓ ଶାରୀରିକ ଅସୁସ୍ଥତା :** ୧୮୭୦ ମସିହାରେ କେନ୍‌ଙ୍କ ଜେଜେବାପାଙ୍କର ଦେହାନ୍ତ ଘଟିଲା। ଅନ୍ୟ ଏକ ଦୁର୍ଘଟଣା କ୍ରମରେ, ତାଙ୍କର ସ୍ନାୟବିକ ଅବନତି ଘଟିଲା। ତେଣୁ ସେ ଖବରକାଗଜରେ କାମ କରି ପାରିଲେ ନାହିଁ। ମାମୁଙ୍କ ପାଖକୁ ଚାଲିଗଲେ। ମାମୁ ଏକ ସ୍କୁଲ୍‌ରେ ପାଠ ପଢାଉଥିଲେ। ସେ କେନ୍‌ଙ୍କୁ ନେଇ ଗୋଟିଏ ସ୍କୁଲରେ ରଖେଇଦେଲେ। ସେଠାରେ କେନ୍‌ଙ୍କୁ ଅର୍ଥ ସହିତ ବେଶ୍ ସମୟ ମିଳିଗଲା। ସେ ବଳକା ସମୟରେ ପଢ଼ିଲେ ଓ ଲେଖିଲେ। ୧୮୭୧ରେ ମାମୁଙ୍କର ପରଲୋକ ଘଟିଲା। ସେ ଜନ୍ମସ୍ଥାନ ଲିଭରପୁଲକୁ ଫେରିଲେ। ଆଉ ଲିଭରପୁଲକୁ ଆସିବା ପରେ ହିଁ ତାଙ୍କର ଲେଖାଲେଖିରେ ଅଗ୍ରଗତି ଘଟିଲା। ସେ ବହୁ ଥିଏଟର ସହିତ ଜଡ଼ିତ ରହିଲେ। ସେମାନଙ୍କ ପାଇଁ ନାଟକ ଲେଖିଲେ। ଏଥିରୁ ତାଙ୍କୁ ବେଶ୍ ଅର୍ଥ ମିଳି ଯାଉଥିଲା। ସେ ତାଙ୍କର ଜଣେ ସମସାମୟିକ କବି ରୋସେଟ୍ଟୀଙ୍କ ଖୁବ୍ ଘନିଷ୍ଠ ଥିଲେ। ମାତ୍ର ଦୁର୍ଭାଗ୍ୟଜନକ ଭାବରେ ରୋସେଟ୍ଟୀଙ୍କର ଅକାଳ ବିୟୋଗ ଘଟିଲା। ଏହା କେନ୍‌ଙ୍କୁ ବିଚଳିତ କରିଦେବାକୁ ଯଥେଷ୍ଟ ଥିଲା। ସେ ଖୁବ୍ ଭାଙ୍ଗି ପଡ଼ିଲେ। ରୋସେଟ୍ଟୀଙ୍କ ସହିତ ସେ ଅତିବାହିତ କରିଥିବା ସମୟକୁ ନେଇ ଏକ ପୁସ୍ତକ ରଚନା କଲେ। ଏହି ପୁସ୍ତକଟି ଖୁବ୍ ବିକ୍ରି ହୋଇଥିଲା।

**ଲେଖାରେ ସଫଳତା :** ୧୯୨୧ ବେଳକୁ କେନ୍ ଖ୍ୟାତନାମା ହୋଇ ସାରିଥିଲେ। ତାଙ୍କର ନାଟକ ସବୁ ସଫଳତାର ସହିତ ଥିଏଟରରେ ମଞ୍ଚସ୍ଥ ହେଉଥିଲା । ଏଥିସହିତ ସେ ସମାଲୋଚନା ରଚନା କରି ନିଜ ପ୍ରଚଣ୍ଡ ବିଚକ୍ଷଣତାର ପରିଚୟ ଦେଇଥିଲେ। ଏହା ପରେ କେନ୍ ଉପନ୍ୟାସ ରଚନା କଲେ। ୧୯୨୧ରେ ପ୍ରକାଶିତ ହେଲା ତାଙ୍କର ଉପନ୍ୟାସ 'ଦି ମାଷ୍ଟର ଅଫ୍ ମ୍ୟାନ୍'। ଏହାର ନାୟକ ଥିଲା ଜଣେ ଅପରାଧୀ। ଏହା ପରେ କେନ୍ ଜଣେ ସଫଳ ଲେଖକ ଭାବରେ ପରିଚିତି ହାସଲ କରିଥିଲେ।

**ରାଜନୀତି ଓ ଶେଷ ଜୀବନ :** କେନ୍ ଜଣେ ବହୁମୁଖୀ ପ୍ରତିଭାର ମଣିଷ ଥିଲେ। ସେ ଥିଲେ ଜଣେ ସମାଜ ତତ୍ତ୍ୱ ବିଶେଷଜ୍ଞ। ମଣିଷର ସବୁଠୁ ବଡ଼ କର୍ମ ସାମାଜିକ ଦାୟିତ୍ୱବୋଧ ବୋଲି ସେ ବାରମ୍ବାର ମତବ୍ୟକ୍ତ କରୁଥିଲେ। ଏହି ଦର୍ଶନକୁ ପୁଞ୍ଜିକରି କେନ୍ ରାଜନୀତିକୁ ଲମ୍ଫ ପ୍ରଦାନ କରିଥିଲେ। ୧୯୦୧ରେ ସେ ଜଣେ ନିର୍ବାଚିତ ପ୍ରତିନିଧିର ମାନ୍ୟତା ପାଇଥିଲେ। ଅନ୍ୟାନ୍ୟ ଲେଖକୀୟ କର୍ମ ଭଳି ତାଙ୍କ ପାଇଁ ରାଜନୀତି ମଧ୍ୟ ଏକ କର୍ମ ଥିଲା। ସେ ଏଥିରୁ ବହୁ ଅଭିଜ୍ଞତା ଓ ଅନୁଭୂତି ହାସଲ କରିଥିଲେ। ଆଉ ସେସବୁକୁ ସେ ତାଙ୍କର ନାଟକ ତଥା ଉପନ୍ୟାସରେ ପ୍ରୟୋଗ କରୁଥିଲେ। ଏହାର ଫଳ ସ୍ୱରୂପ ତାଙ୍କର ସାହିତ୍ୟ ବହୁ ଅନୁଭବ ଓ ଅନୁଭୂତିରେ ଋଦ୍ଧିମନ୍ତ ହୋଇ ପାରୁଥିଲା। ୧୯୩୧ ମସିହା ଅଗଷ୍ଟ ୩୧ ତାରିଖ। ଏହି ଦିନ କେନ୍ ଏ ଇହଧାମ ପରିତ୍ୟାଗ କରିଥିଲେ।

# ପ୍ରହରୀ

– ଶ୍ୱେତା ରାଉତ

ପେଟର ଭୋକ ପାଇଁ
ସମୟ ପାଖରେ ବନ୍ଧା ଦେଇଦିଏ
ତା' ସାରା ରାତିର ନିଦ।
ସ୍ୱପ୍ନମାନଙ୍କୁ ପିଠି ଥାପୁଡ଼ାଇ ଶୁଆଇଦିଏ
ଶେଷ ନିଦ୍ରାରେ ।
ପତ୍ନୀର ନିଃସର୍ତ୍ତ ସମର୍ପଣର ନିବିଡ଼ତାଭରା ପ୍ରେମକୁ
ଛୁପେଇ ଦିଏ ତା'ର ପଥର ଛାତିରେ।
କେଡ଼େ ଦାରୁଣ ଏ ଭୋକର ଜ୍ୱାଳା !
ସମ୍ପର୍କକୁ ବଞ୍ଚେଇବାକୁ ଦିଁ'ଦିନ
ସମ୍ପର୍କର ପରିତ୍ୟାଗ କରିବାକୁ ପଡ଼େ ପ୍ରହରୀକୁ।

ମାଲିକ ଜୀବନର ସୁରକ୍ଷାରେ
କରିନିଏ ନିଜ ମୃତ୍ୟୁର ସଉଦା
ପ୍ରାଚୁର୍ଯ୍ୟର ଆଭିଜାତ୍ୟ ଭିତରେ
ସ୍ୱପ୍ନରେ ପହଁରୁଥିବା ମଣିଷ କ'ଣ ବୁଝିପାରେ
ମୁଠାଏ ନିଦ ଓ ଦୁର୍ମୂଲ୍ୟ ଜୀବନର
ଟିକିଏ ସୁକୁମାର ଅନୁଭବ
ସଂସାରର ଆକୁଳ ଆବେଗ !

କେଉଁ ଏକ ଅଜଣା ବିସ୍ଫୋତରେ
ଲିଭିଯାଇ ପାରେ ଚିରୁଡାଏ ଆଲୁଅ
କକ୍ଷଚ୍ୟୁତ ଉଲ୍କା ପରି ଖସିଯାଇ ପାରେ
ପ୍ରହରୀର ସ୍ପନ୍ଦନ ହୃଦୟ ଆକାଶରୁ।
ଭୁଶୁଡ଼ି ଯାଇପାରେ ତା'ର ଶ୍ରଦ୍ଧାର ତିଆରି
ସମ୍ଭାବନାର ସୁଖ ଉପତ୍ୟକା ।

*– ରାଉତ କମ୍ପ୍ଲେକ୍ସ, କଟକ ରୋଡ, ଭୁବନେଶ୍ୱର*



# ଭାଗ୍ୟ

– ନାରାୟଣ ପ୍ରସାଦ ରାଉଳ

ଭୁଲିବା ଏତେ ସହଜ କି
ସେଦିନର ଟଙ୍କାଟିଏର କିମ୍ମତ
ଯାହା ପାଇଁ ନିଅଣ୍ଟ ପଡ଼ିଲା
ମୋର ସବୁ ଦୈନ୍ୟ
ଆଉ ତମ ପଇଁଚାଳିଶ ବର୍ଷର
ଅପାସୋରା ଅତୀତ
ମୋ ନ୍ୟୁନତାର ନିଉଛାଳି ସବୁ
ଲୋଟି ପଡ଼ିଥିଲେ ତମ କରଜ ହାତରେ
ବରାଭୟ ପାଖେ
ମୁଁ ଲୁଚେଇ ସାରିଥିଲି ମୋ
ଫୁଟା ଚାଳ, ଫଟା ଭାଗ୍ୟ
ଫାଳେ ଅମାରାତି ମୋ ଛାତି ଭିତରେ
ବଞ୍ଚିବାର ସବୁ ବାହାନା
କିନ୍ତୁ ରାତି ପାହୁଥିଲା
ସୂର୍ଯ୍ୟ ଉଠୁଥିଲେ
ଲେଉଟାଣି ଖରା ବି ଖସି ପଡୁଥିଲା
ମଥାନ ମଥାରୁ
ଅଭାଗା ଜାତକରେ ଅଶିବ
ଆସିବା ଆଗରୁ କେହି
ଫେଡ଼ି ଦେଇଥିଲା ଫୁଲ ଫଳ
ଫଳେଇ ଚାଲିଥିଲା
ଆଉ ମୋ ବାଣ୍ଟିବା ହାତକୁ
ଦେଖିବାକୁ ନ ଥିଲା ତମ
ଅଭାବୀ ହୃଦୟ ॥

– କଷଣଅଣ୍ଟା,
ପଟ୍ଟାମୁଣ୍ଡାଇ,
କେନ୍ଦ୍ରାପଡ଼ା

# ଡେମୋକ୍ରାସି

– ଚିନ୍ମୟୀ ପଣ୍ଡା

ଲୋକଟା ଗୋଟିଏ ଭୟଙ୍କର ଦୃଷ୍ଟିରେ ମତେ ଚାହିଁ ରହିଥିଲା। ଭୟଙ୍କର ମାନେ ମୁଁ ତାକୁ ଦେଖି ନ ଡରିଲେ ବି ମନେମନେ ରାଗି ଯାଉଥିଲି। ପାଖ ଟେବୁଲ୍‌ରେ କହୁଣିକୁ ଶକ୍ତ ଭାବେ ଲଦିଦେଇ ବିକଟାଳ ଚାହାଣିରେ ଚାହିଁଛି।

ମୁଁ ଜଣଙ୍କ ଇଣ୍ଟରଭ୍ୟୁ ପାଇଁ ଆସିଛି ଏହି କାଫେକୁ। 'ଗଣତନ୍ତ୍ରର ପଥଚ୍ୟୁତ କ୍ରମ ବିନ୍ୟାସରେ ଭାରତର ଭବିଷ୍ୟତ' ବିଷୟରେ କଥୋପକଥନ ମଧ୍ୟରେ ମୋ ନଜର ସେହି ଅସ୍ୱାଭାବିକ ଲୋକଟିର ଉପସ୍ଥିତି ଓ ତୀକ୍ଷ୍ଣ ଆକ୍ରୋଶଭରା ବିସ୍ଫୋରିତ ଚକ୍ଷୁ ଆଡକୁ ଆପେ ଆପେ ଚାଲିଯାଇ, ମୋ ଭାବନାକୁ ଉଦ୍‌ବେଳିତ କରି ଦଉଛି।

ମୋ ସାମ୍ନାରେ ଅଛନ୍ତି ଶାସକ ଦଳର ଜଣେ ବଡ଼ ନେତା। ମୋ ଜର୍ନାଲିଷ୍ଟ କ୍ୟାରିୟର ପାଇଁ ମଧ୍ୟ ଏହି ଇଣ୍ଟରଭ୍ୟୁ ଏକ କ୍ରାନ୍ତି ଆଣିପାରିବ ବୋଲି ମୋର ଆଶା। ସୁନୀଲ ଓ ମୁଁ ଦୁହେଁ ଏହି ଇଣ୍ଟରଭ୍ୟୁ କରିବା କଥା। ଅବଶ୍ୟ ସୁନୀଲ ମତେ ରାସ୍ତା ଦେଖାଇଛି। କିନ୍ତୁ ଅନ୍ୟକୁ ଧୋକ୍କା ଦେଇ ଆଗକୁ ଚାଲି ପାରିଲେ ହିଁ ଦୁନିଆ ତୁମର। ସୁନୀଲର ଅନୁପସ୍ଥିତିର ପୂରା ଫାଇଦା ଉଠେଇଛି ମୁଁ।

ମୁଁ ମୋନା ଦାସ୍! ସ୍ମାର୍ଟ, ଇଣ୍ଟେଲିଜେଣ୍ଟ ଓ ଅପରଚ୍ୟୁନିଷ୍ଟ। ଜୀବନରେ ସଫଳ ହେବାର ସବୁ ରାସ୍ତା ମତେ ମାଲୁମ୍। ଆଜି ମୋର ଏଇ ବିଶେଷ ଆର୍ଟିକଲ ଏବଂ ଇଣ୍ଟରଭ୍ୟୁ କାଲି ସକାଳକୁ ଗୋଟିଏ ଘଟଣା ହେଇଯିବ, ନିଶ୍ଚୟ। କିଛି ଲୋକଙ୍କ ପାଇଁ ଦୁଃଖଦ ଘଟଣା। ସୁନୀଲ ମୁହଁଟି ପ୍ରାୟ ସ୍ପଷ୍ଟ ହେଇ ଦିଶିଯାଉଛି! ବିଚରା ହତବାକ ହୋଇ ମତେ ଚାହିଁବ। କେତେକଙ୍କ ପାଇଁ ଈର୍ଷା। ଅବଶ୍ୟ କେହି ଖୁସି ବି ହେଇପାରନ୍ତି। ହୁ କେୟାର୍ସ–

'ଆପଣ କହିବାକୁ ଚାହାଁନ୍ତି ଯେ ବିରୋଧୀ ଦଳର ଶାସନ କାଳରେ ଗଣତନ୍ତ୍ରର ହତ୍ୟା କରାଯାଇଛି?' ମୁଁ ମୋ ପ୍ରଶ୍ନକୁ ଆହୁରି ସ୍ପଷ୍ଟ କଲି।

'ନିଶ୍ଚୟ!' ନେତା ଜଣକ ଭୟଙ୍କର ଦେଖାଗଲେ। ସେ ପାଖ ଟେବୁଲ ଲୋକଟାର ବିକଟାଳ ଚାହାଣି ବର୍ତ୍ତମାନ ନେତାଙ୍କ ଚକ୍ଷୁକୁ ସଞ୍ଚରି ଯାଉଛି।

'ଆପଣ ବିସ୍ତୃତ ଭାବେ କହିପାରିବେ କି?' ତାଙ୍କ ମାନସିକ ଉଦ୍‌ବେଳନର ଠିକ୍ ନିୟୋଗ କରି ମୋ ପ୍ରଶ୍ନର ବୁଲେଟ୍‌ଟିକୁ ମୁଁ ଧୁମ୍ କିନା ତାଙ୍କ ମୁଣ୍ଡକୁ ଲକ୍ଷ୍ୟକରି ଛାଡ଼ିଦେଲି। ଅନାହୁତ ଉତ୍ୟକ୍ତ ହୋଇଉଠିଲେ ଶାସକ ଦଳର ତଥାକଥିତ ତୁଙ୍ଗ ନେତା। ଆଉ ଦୁଇଚାରିଟା ଅଣ–ସାମ୍ବିଧାନିକ ଶବ୍ଦ ଫୋପାଡ଼ିଦେଇ କହି ଉଠିଲେ : 'ସେ ମୋର ଚାରିଚାରିଟା ପେଟ୍ରୋଲ ଟାଙ୍କି ବନ୍ଦ କରିଦେଲା। ମୋ ପୁଅର ବିୟର ପାର୍ଲର ଲାଇସେନ୍‌ସ ରଦ୍ଦହେଲା। ମୋ ପଛରେ ସିବିଆଇ ଲଗାଇଲା। ଗଣତନ୍ତ୍ର ଆଉ କୋଉଠି ରହିଲା? ଆମ ଭଳି ଦେଶଭକ୍ତ ଯଦି ସରକାରଙ୍କ ଦ୍ୱାରା ନିର୍ଯାତିତ ହେବେ ଗଣତନ୍ତ୍ର ରହିବ?'

ସେ ଗ୍ଲାସ ଉଠେଇନେଇ ପାଣି ପିଇଲେ। ମୁଁ ଭାବୁଥିଲି, ଦେଢ଼ଘଣ୍ଟାର ଇଣ୍ଟରଭ୍ୟୁରେ କେତେ ବ୍ରଡକାଷ୍ଟ ହେବାକୁ ରହିବ ଆଉ କେତେ ସେନସର କଇଁଚିରେ କଟିଯିବ। ସଚେତନ ହେବାବେଳକୁ ସେଇ ପାଖ ଟେବୁଲ୍‌ର ଲୋକଟି କିନ୍ତୁ ମୋ ପାଖାପାଖି ଆସି ସାରିଥାଏ। ସେଇ ବିକଟାଳ ନଜର। ବର୍ତ୍ତମାନ ତାହା ଆହୁରି ତୀବ୍ର।

ନେତା ଜଣକ ଯିବାକୁ ଉଠିଲେ। 'ଦେଖିଚାହିଁ କରିବେ।' କହି ସେ ବିଦାୟ ନେଲେ। ମୁଁ ବି ଉଠିଲି। ଲୋକଟି ତା' ହଳଦିଆ ଦାନ୍ତ ଦେଖେଇ ମୋ ପାଖକୁ ମାଡ଼ି ଆସିଲା।

'ମାଡାମ୍ ଆପଣଙ୍କ ସିଷ୍ଟମ୍ ଅନ୍ ନ ଥିଲା। ସାର୍‌ଙ୍କ ଭଏସ୍ ରେକର୍ଡ ହେଇନି।'

କହି ହସିହସି ଚାଲିଗଲା। ମୁଁ ଗଣତନ୍ତ୍ରର ଉତ୍‌ଥାନ ପତନକୁ ବିୟରପାର୍ଲର ଓ ପେଟ୍ରୋଲ ପମ୍ପରେ ତଉଲି ଚାଲିଥିଲି।

*– ଅଙ୍କୁର ପ୍ଲେ ସ୍କୁଲ, ନୂଆପଲ୍ଲୀ, ଭୁବନେଶ୍ୱର*

# ପ୍ରେମ ପାଇଁ ଟେନସନ୍

ପ୍ରେମ କରିବା ସମୟରେ ବିଭିନ୍ନ ପ୍ରକାର ସମସ୍ୟା ଦେଖାଯାଇଥାଏ। ତା' ଭିତରୁ ଟେନସନ ବାଦ୍ ପଡିବ କେମିତି ? ବାସ୍, ନିଜ ପ୍ରେମକୁ ନେଇ ଟେନସନରେ ଅଛନ୍ତି ରିୟା। ଏ ବିଷୟରେ ବିଶଦ ସୂଚନା ଦେବା ପୂର୍ବରୁ ଗୋଟିଏ କଥା ଜଣାଇ ଦେବା ଠିକ୍ ହେବ। ଏଭଳି ପ୍ରେମ ଆଉ ତାକୁ ନେଇ ଟେନସନର ସଂଯୋଗ ରିୟାଙ୍କର ବାସ୍ତବ ଜୀବନ ନୁହେଁ ଅଭିନୟ ସହ ରହିଛି। ହଁ, ଚଳଚ୍ଚିତ୍ରଟି ହେଲା 'ପ୍ରେମ ପାଇଁ ମହାଭାରତ'। ଏଥିରେ ସେ ଜଣେ ଯୁବକ ପ୍ରେମରେ ପଡିଯାଉଛନ୍ତି। ହେଲେ କାହାଣୀ ଅନୁସାରେ ସେ ଆତ୍ମହତ୍ୟା କରିବାକୁ ଉଦ୍ୟମ କରିବା ସମୟରେ ତାଙ୍କୁ ୫ଜଣ ଉଦ୍ଧାର କରିଛନ୍ତି। ଆଉ ତା' ପରେ ଯାହା ଘଟିଛି ତାକୁ ନେଇ ଟେନସନରେ ପଡିଯାଇଛନ୍ତି ରିୟା। ଯେଉଁମାନେ ତାଙ୍କୁ ଉଦ୍ଧାର କରିଥିଲେ ସେମାନେ ପ୍ରେମ ନିବେଦନ କରିବାକୁ ପଛାଇ ନାହାନ୍ତି। ଆଉ ତା'ପରେ କ'ଣ ଘଟୁଛି ତାହା ଚଳଚ୍ଚିତ୍ରରେ ଦେଖିବାକୁ ମିଳିବ। ନାୟକ ଏଣ୍ଟରଟେନ୍‌ମେଣ୍ଟ ବ୍ୟାନରରେ ତଥା ନବାଗତ ପ୍ରଦୀପ୍ତ ପ୍ରକାଶ ଆଚାର୍ଯ୍ୟ ଏହାର ପ୍ରଯୋଜନା କରିଛନ୍ତି। ନିରଞ୍ଜନ ବେହେରାଙ୍କ ନିର୍ଦ୍ଦେଶନାରେ ଫିଲ୍ମର ନାୟକ ଭୂମିକାରେ ଅଭିନୟ କରିଛନ୍ତି ସମ୍ବିତ। ଏହି ଚଳଚ୍ଚିତ୍ରଟି ଚଳିତ ମାସରେ ରିଲିଜ ହେବାର ଯୋଜନା ରହିଛି।


ସମ୍ବିତ୍-ରିୟା

# ଅନୁତାପ କରୁଛନ୍ତି କ୍ୟାଟ୍ରିନା

ବୋହି ଗଲା ପାଣି ହେଉ ଅବା ପାଟିରୁ ସ୍ଲିପ୍ କରିଥିବା କଥା କ'ଣ ଫେରିଆସେ ? ସେମିତି ହାତରୁ ଅଫରଟିଏ ଖସିଯିବା ପରେ ତାକୁ ନେଇ କେବଳ ଅନୁଶୋଚନା କରିବା କଥା। ଏବେ ଠିକ୍ ସେମିତି କ୍ୟାଟ୍ରିନା ଅନୁତାପ କରୁଛନ୍ତି। ନିକଟରେ ଏକ ସିନେମାରେ ଅଭିନୟ କରିବାକୁ ତାଙ୍କୁ ଅଫର ମିଳିଥିଲା। ହେଲେ କାହାଣୀରେ କେତେକ ଅଂଶକୁ ନେଇ ଆପତ୍ତି ଉଠାଇଥିଲେ ସେ। ସେକଥା ଶୁଣିବା ପରେ ପ୍ରଯୋଜକ ତାହାକୁ ଗୁରୁତ୍ୱ ନ ଦେଇ କାହାଣୀରେ ପରିବର୍ତ୍ତନ ହେବ ନାହିଁ ବୋଲି କହିଥିଲେ। ଶେଷରେ ଉପାୟଶୂନ୍ୟ ହୋଇ କ୍ୟାଟ୍ରିନା ଅଫରଟିକୁ ହାତଛଡା କରିଥିଲେ। ହେଲେ ସେଭଳି ନିଷ୍ପତ୍ତି ଭୁଲ ଥିଲା ବୋଲି ଏବେ କହି ବୁଲୁଛନ୍ତି କ୍ୟାଟ୍ରିନା।


କ୍ୟାଟ୍ରିନା

# ଦିନ ଗଣୁଛନ୍ତି କଙ୍ଗନା

କଙ୍ଗନା ରାଣାଓ୍ୱତ ଏବେ ଦିନ ଗଣିବାରେ ଲାଗି ପଡିଛନ୍ତି। ହେଲେ କ'ଣ ହେବ, ସେପଟେ ଫିଲ୍ମର ରିଲିଜ ଡେଟ୍ ଘୁଞ୍ଚି ଘୁଞ୍ଚି ଚାଲିଛି। ଏହି ଫିଲ୍ମଟି ପରଦା ଉପରକୁ ଆସିବ ଆସିବ ବୋଲି ଇତି ମଧ୍ୟରେ ବର୍ଷେ ପୂରି ଗଲାଣି। ପ୍ରଥମେ ଶୁଣାଗଲା ଯେ ୨୦୧୮ ଜାନୁୟାରୀରେ ଏହା ରିଲିଜ ହେବ। ହେଲେ ତାହା ହୋଇପାରିଲା ନାହିଁ। ଏବେ ଫିଲ୍ମଟି ଚଳିତ ମାସ ୨୫ରେ ରିଲିଜ ହେବ ବୋଲି ଶୁଣାଯାଉଛି। ହେଲେ ତାହାକୁ ନେଇ ମଧ୍ୟ ଅନିଶ୍ଚିତତା ଲାଗି ରହିଛି। ଫିଲ୍ମଟି ହେଲା 'ମଣିକର୍ଣ୍ଣିକା', ଯାହାର ଟାଇଟଲ ଭୂମିକାରେ ଅଭିନୟ କରୁଛନ୍ତି କଙ୍ଗନା। ଝାନ୍ସୀରାଣୀ ଲକ୍ଷ୍ମୀବାଈଙ୍କ ଜୀବନୀକୁ ନେଇ ନିର୍ମିତ ଏହି ଚଳଚ୍ଚିତ୍ରର ସଫଳତାକୁ ନେଇ ବେଶ୍ ଆଶାବାଦୀ ଅଛନ୍ତି ସେ। ଏ ସମ୍ପର୍କରେ କଙ୍ଗନା କହନ୍ତି, 'ଏହି ଫିଲ୍ମ ପାଇଁ ମୋତେ ବେଶ୍ ପରିଶ୍ରମ କରିବାକୁ ପଡିଛି। କେବଳ ସେତିକି ନୁହେଁ, ଏହାର ଦୃଶ୍ୟାୟନ ଏପରି କରାଯାଇଛି ଯେ ତାହା ଦର୍ଶକଙ୍କୁ ନିଶ୍ଚୟ ପ୍ରଭାବିତ କରିବ। ଯଦିଓ ଫିଲ୍ମର ରିଲିଜକୁ ନେଇ ଅନେକ କଥା ଶୁଣିବାକୁ ମିଳୁଛି, ହେଲେ ଖୁବ୍‌ଶୀଘ୍ର ଏହା ପରଦା ଉପରକୁ ଆସିବ ବୋଲି ମୋର ବିଶ୍ୱାସ ରହିଛି।' ଖାସ୍ କଥା ହେଲା, ଯଦି 'ମଣିକର୍ଣ୍ଣିକା ଚଳିତବର୍ଷ ଜାନୁୟାରୀ ୨୫ରେ ରିଲିଜ ହୁଏ ତେବେ ସେହି ଦିନ ହୃତିକ ରୋଶନଙ୍କ 'ସୁପର ୩୦' ମଧ୍ୟ ରିଲିଜ ହେବ। ହୃତିକ ଆଉ କଙ୍ଗନାଙ୍କ ଭିତରେ ଚାଲିଥିବା ଶୀତଳ ଯୁଦ୍ଧ କାହାକୁ ଅଛପା ନାହିଁ। ଯଦି ଏକା ଦିନରେ ଫିଲ୍ମଦ୍ୱୟ ରିଲିଜ ହୁଏ ତେବେ ହାତୀ କାହା ମୁଣ୍ଡରେ ସୁନା କଳସ ଢାଳୁଛି ତାହା ଦେଖିବାକୁ ବାକି ରହିଲା।


କଙ୍ଗନା

# ଶାହରୁଖଙ୍କ ନଖରାମି

ଶାହରୁଖ ଖାଁ-କେବଳ ନାମ ହିଁ ଯଥେଷ୍ଟ। ବଲିଉଡ୍‌ରେ ନେମ୍ ଫେମ୍ ଅର୍ଜନ କରିସାରିଛନ୍ତି। ହେଲେ ପିଲାଦିନେ ନଖରାମି ପାଇଁ ସେ ବେଶ୍ ଚର୍ଚ୍ଚିତ ଥିଲେ। ସାଙ୍ଗପିଲାଙ୍କ ସହ ମଜା କରିବା ଥିଲା ତାଙ୍କର ଅଭ୍ୟାସ। ସେମାନଙ୍କୁ କିଛି ସମୟ ପାଇଁ ହଇରାଣ କରି ବେଶ୍ ମଜା ଉଠାଉଥିଲେ ସେ। ପିଲାଦିନେ ସ୍କୁଲରେ ସେ ସାଙ୍ଗ ପିଲାଙ୍କ ଟିଫିନ୍ ଲୁଚାଇ ଦେଉଥିଲେ। ଯେତେବେଳେ ସେମାନେ ଖୋଜି ଖୋଜି ନୟାନ୍ତ ହୋଇଯାଉଥିଲେ ସେତେବେଳେ ଶାହରୁଖ ବେଶ୍ ଚତୁରତାର ସହ ଟିଫିନଟିକୁ ଠିକ୍ ଜାଗାରେ ରଖିଦେଉଥିଲେ। ଆଉ ଥରେ ସେ ପଢୁଥିବା କ୍ଲାସ ପିଲାମାନେ ଏକ କ୍ରିକେଟ ମ୍ୟାଚ ଖେଳିବାର ଥାଏ। ହେଲେ ଠିକ୍ ବେଳକୁ ବଲ୍ ମିଳିଲା ନାହିଁ। କିଏ ନେଲା ବୋଲି ଖୋଜା ପଡିଲା। ସମସ୍ତେ ଶାହରୁଖଙ୍କ ଆଡକୁ ଚାହୁଁଥାଆନ୍ତି। ହେଲେ ସେ ମୁରୁକି ହସି କହୁଥାଆନ୍ତି, 'ଆରେ, ଖୋଜ ନିଶ୍ଚୟ ମିଳିଯିବ। ପିଲାମାନେ ଅନ୍ୟଆଡେ ଖୋଜୁଥିବା ବେଳେ ଶାହରୁଖ ନୂଆ ବଲକୁ କିଟ୍ ପାଖରେ ରଖିଦେଇଥିଲେ। ଏ ସମ୍ପର୍କରେ ଶାହରୁଖ କହନ୍ତି, 'ଏପରି ନଖରାମି ମୋତେ ଆନନ୍ଦ ଦେଉଥିଲା ସତ, ହେଲେ ଏହାଦ୍ୱାରା ମୋ ସାଙ୍ଗମାନେ ଖରାପ ଭାବୁ ନ ଥିଲେ। କାରଣ ସେମାନଙ୍କୁ ମୁଁ ବେଶି ସମୟ ଚିଡାଉ ନ ଥିଲି। ସେମାନେ ଭଲ ଭାବରେ ଜାଣିଥିଲେ ଯେ ମୁଁ ଏପରି କରିଥିବି। ଏହାଦ୍ୱାରା ସେମାନଙ୍କୁ ମଧ୍ୟ ଆନନ୍ଦ ମିଳୁଥିଲା।'


ଶାହରୁଖ

# ମାନିଲେ ପରିଣିତି

କଥାରେ ଅଛି ଆରେ ଢମଣା, ବୁଲି ବୁଲି ପୁଣି ସେଇ ଅଗଣା। ଦେଖୁନାହାନ୍ତି, ଯେଉଁ କଥାକୁ ସେ ନାହିଁ ନାହିଁ ବୋଲି କହି ବୁଲୁଥିଲେ ଏବେ କେମିତି ସେହି କଥା ସତ ବୋଲି ନିଜେ ସ୍ୱୀକାର କରିଛନ୍ତି। କଥା କ'ଣ କି ପ୍ରିୟଙ୍କା ଚୋପ୍ରା ହାତକୁ ଦି' ହାତ ହେବା ପରେ ଏଥର ପରିଣିତିଙ୍କ ପାଳି ବୋଲି ଗତ କିଛି ସପ୍ତାହ ହେବ ବେଶ୍ ଆଲୋଚନା ହେଉଛି। 'ଏସବୁ କଥା ମିଛ' ବୋଲି ନିକଟରେ ସଫେଇ ଦେଇଥିଲେ ସେ। ହେଲେ ସେହି କଥାକୁ ନେଇ ପୁଣି ଥରେ ୟୁ ଟର୍ନ ନେଇଛନ୍ତି ପରିଣିତି। ଖୁବ୍‌ଶୀଘ୍ର ସେ ନିଜ ପ୍ରେମିକ ଚରିତ ଦେଶାଇଙ୍କୁ ମ୍ୟାରେଜ କରିବାକୁ ଯାଉଛନ୍ତି ବୋଲି ସୂଚନା ଦେଇଛନ୍ତି। ଏହାକୁ ନେଇ ନିକଟରେ ସେ ନିଜ ସୋସିଆଲ ସାଇଟ୍‌ରେ ପୋଷ୍ଟ କରି କହିଛନ୍ତି ଯେ, 'ଚରିତଙ୍କୁ ମୁଁ ବାହା ହେବାକୁ ଯାଉଛି। ହେଲେ କେବେ ଏହି ଶୁଭ ଦିନ ଆସିବ ତାହା ଖୁବ୍‌ଶୀଘ୍ର ଜଣାଇ ଦେବି।' ତେବେ ଏହା ଜାଣିବାକୁ ଆମକୁ ନିଶ୍ଚୟ ଅପେକ୍ଷା କରିବାକୁ ହିଁ ପଡିବ।


ପରିଣିତି

ପ୍ରଥମ ରୋଜଗାର



ଅଭିନେତା **ତୁଷାରକାନ୍ତ ଆଚାର୍ଯ୍ୟ** ନିଜ ପ୍ରଥମ ରୋଜଗାର ସମ୍ପର୍କରେ ଯାହା କୁହନ୍ତି...

# ଦରମା ଟଙ୍କାରେ ଗିଟାର୍ ଶିଖୁଥିଲି

ପୁରୀ ଜିଲ୍ଲା ଗୋପ ବ୍ଲକ ଅନ୍ତର୍ଗତ ଓଟରଶିମୁଳି ଶାସନରେ ମୋର ଜନ୍ମ। ସତ୍ୟନାରାୟଣ ବିଦ୍ୟାପୀଠରୁ ୧୯୯୭ରେ ଦଶମ ପାସ୍ କରିବା ପରେ ପାଠ ଛାଡ଼ିଦେଲି। କାରଣ ମୋ ଜେଜେବାପା ଅଲେଖ ଆଚାର୍ଯ୍ୟ ଥିଲେ ଜଣେ ନାମକରା ନାଟ୍ୟକାର ତଥା ନିର୍ଦ୍ଦେଶକ। ଯେହେତୁ ସେ ଜଣେ କଳାପ୍ରେମୀ ଥିଲେ, ହୁଏ ତ ସେଥିପାଇଁ ପିଲାଦିନୁ ମୋ ଭିତରେ ବି କଳା ପ୍ରତି ଆଗ୍ରହ ଆସିଥିଲା। ପାଠ ମୋର ସେତେ ଭଲ ହୁଏ ନାହିଁ। କିନ୍ତୁ ହିନ୍ଦୀ ଗୀତ ଲେଖିବା, ଗାଇବାରେ ଖୁବ୍ ରୁଚିଥିଲା। କଷ୍ଟେମଷ୍ଟେ ଦଶମ ପାସ୍ କରିବା ପରେ ଆଉ ପାଠ ନ ପଢ଼ି ଗୀତ କ୍ଷେତ୍ରରେ କିଛି କରିବା ପାଇଁ ଚିନ୍ତାକଲି। ହେଲେ ମୋ ନନା(ବାପା) ମଗୁଳି ଆଚାର୍ଯ୍ୟଙ୍କୁ ଏସବୁ ପସନ୍ଦ ନ ଥିଲା। ଦିନେ କାହାରିକୁ କିଛି ନ କହି ନନାଙ୍କ ପକେଟ୍‌ରୁ ୨୫୦୦ ଟଙ୍କା ଲୁଚେଇ ନେଇ ବମ୍ବେ ଚାଲିଗଲି। ସେଠାରେ ୯ ଦିନ ରହି କେତେଜଣ ନାମୀଦାମୀ ସଙ୍ଗୀତ ନିର୍ଦ୍ଦେଶକଙ୍କ ସହ ଦେଖାକଲି। ମୋ ଲିଖିତ ଗୀତ ସେମାନଙ୍କର ପସନ୍ଦ ହେଉଥିଲେ ହେଁ ତାକୁ କାର୍ଯ୍ୟକାରୀ କରିବା ପାଇଁ ସେମାନେ ଟଙ୍କା ମାଗୁଥିଲେ। ହେଲେ ମୋ ପାଖରେ ଟଙ୍କା ନ ଥିଲା। ଏପଟେ ୯ ଦିନ ଭିତରେ ଖାଇବା ପିଇବାରେ ଘରୁ ଲୁଚେଇ ଆଣିଥିବା ପଇସାତକ ସରିବାକୁ ବସିଥିଲା। ତେଣୁ ଘରକୁ ପୁଣି ଫେରିଲି। ନନା ପ୍ରଥମେ ରାଗିଲେ। ପରେ ମୋଠାରୁ ସବୁ ଶୁଣି ଆଉ କିଛି କହିଲେ ନାହିଁ। ଏମିତି ୫/୬ ମାସ ବିତିଗଲା, ପୁଣି ବମ୍ବେ ଯିବା ପାଇଁ ବାହାରିଲି। ଏଥର ନନାଙ୍କୁ କହି ହାତଖର୍ଚ୍ଚ ନେଇ ଗଲି। ବମ୍ବେରେ ପହଞ୍ଚି ଏକ ଗାର୍ମେଣ୍ଟ କମ୍ପାନୀରେ ହେଲ୍‌ପର୍ କାମ କଲି। ମାସିକ ୧୫୦୦ ଟଙ୍କା ରୋଜଗାର ହେଲା। ତା'ସହିତ ଚିହ୍ନା ପରିଚୟରେ ଯାଇ ହୋଟେଲ୍ ଆଉ ବିୟର୍ ବାର୍‌ରେ ଗୀତ ବି ଗାଇଲି। ଏଥିରୁ ବି କିଛି ପଇସା ମିଳିଲା। ତା'ପରେ ଗିଟାର୍ ଶିଖିଲି, ଏଥିପାଇଁ ଦରମା ଟଙ୍କାରୁ କିଛି ଫିସ୍ ବି ଦେଉଥିଲି। ଭାବିଥିଲି ଗୀତ କ୍ଷେତ୍ରରେ କ୍ୟାରିୟର୍ କରିବି ବୋଲି। କିନ୍ତୁ ସମୟକ୍ରମେ ଏକ ଥିଏଟର୍ ଗ୍ରୁପ୍ ସହ ମୋର ଚିହ୍ନା ହେଲା। ସେଠାରେ ଅଡିଶନ୍ ଦେଇ ପାସ୍ ହେବାରୁ 'ଗିର୍‌ଗିଟ୍' ନାମକ ଏକ ନାଟକରେ ଅଭିନୟ କରିବାର ସୁଯୋଗ ମୋତେ ମିଳିଲା। ଅଭିନୟ ଭଲ କରୁଥିବାରୁ ପରେ ମୋତେ ସେହି ଗ୍ରୁପ୍‌ର ପିଲାମାନଙ୍କୁ ଅଭିନୟ ଶିଖାଇବା ପାଇଁ କୁହାଗଲା। ଫଳରେ ପ୍ରାୟ ୫/୬ ବର୍ଷ ସେହି ଗ୍ରୁପ୍ ସହ ଜଡ଼ିତ ରହି ପିଲାମାନଙ୍କୁ ଅଭିନୟ ଶିଖାଇଲି। ଆଉ ତା'ଭିତରେ ଷ୍ଟାର୍ ପ୍ଲସ୍‌ରେ ଅଡିଶନ୍ ଦେଇ 'ହେଲୋ ଡଲି' ନାମକ ଧାରାବାହିକର ପାଇଲଟ୍ ଶୁଟ୍‌ରେ ଏକ ଛୋଟ ଅଭିନୟ କରିବା ସହ ଏକ ଭିଡିଓ ଆଲବମ୍‌ରେ ବି ଅଭିନୟ କରିସାରିଥିଲି। ତା'ସହିତ କେତୋଟି ଗୁଜରାଟୀ ଡକ୍ୟୁମେଣ୍ଟାରୀ ଫିଲ୍ମରେ ବି ଅଭିନୟ କରିଥିଲି। ସଫଳତାର ଶିଢ଼ି ଚଢ଼ି ଚାଲିଥିବାବେଳେ ହଠାତ୍ ଏହି ସମୟରେ ନନାଙ୍କର ଆକ୍ସିଡେଣ୍ଟ ହେଲା। ଗୋଟେ ପୁଅ ହୋଇଥିବାରୁ ବାପାଙ୍କ ଦେଖାଚାହାଁ ପାଇଁ ଘରକୁ ଫେରିଆସିଲି ଏବଂ ଓଡ଼ିଆ ଇଣ୍ଡଷ୍ଟ୍ରିରେ କ୍ୟାରିୟର୍ କରିବାକୁ ଚେଷ୍ଟାକଲି। 'ସୁନା କଳସ' ଧାରାବାହିକ, 'ମୁଁ ତୋତେ ଲଭ୍ କରୁଛି' ଓ 'ରସିକ ନାଗର' ଚଳଚ୍ଚିତ୍ରରେ ଅଭିନୟ କରିବାର ସୁଯୋଗ ମୋତେ ମିଳିଲା। ଆଉ ତା'ରି ଭିତରେ ମୋର ବାହାଘର ଓ ପୁଅ ଜନ୍ମ ହୋଇସାରିବା ପରେ ନନା ଆରପାରିକୁ ଚାଲିଗଲେ। ତା'ପରେ ବମ୍ବେ ଯାଇ ପୁଣି ନୂଆକରି କ୍ୟାରିୟର୍ ଆରମ୍ଭ କରିବାକୁ ମୋ ପତ୍ନୀ ମୋତେ ସହଯୋଗ କଲେ। ବମ୍ବେ ଗଲି ଆଉ ସେଠାରେ ଯାଇ ପ୍ରଥମେ ଏକ କ୍ୟାଟରିଂ ପାର୍ଟିରେ ଯୋଗଦେଲି। ସେଇଠୁ ମୋର ଦିନକୁ ୨୫୦/୩୦୦ ଟଙ୍କା ରୋଜଗାର ହେଲା। ହେଲେ ସେହି କାମ ଭିତରେ ବ୍ୟସ୍ତ ରହିଯିବାରୁ ମୋ ଲକ୍ଷ୍ୟପଥରୁ ଦୂରେଇ ଯାଉଥିଲି। ୧୫ ଦିନ ଏମିତି ବିତିବା ପରେ କାମ ଛାଡ଼ିଦେଲି ଆଉ ସେଠାରେ ଥିବା ମୋର ପୁରୁଣା ପରିଚିତ ଲୋକମାନଙ୍କୁ ଖୋଜିବାକୁ ଲାଗିଲି। ଜଣେ ସାଙ୍ଗ ସହ ଦେଖାହେଲା ଆଉ ତା' ସାହାଯ୍ୟରେ ଯାଇ ଜି-ଟିଭିରେ ଅଡିଶନ୍ ଦେଇ 'ଅଫସର୍ ବିଟିଆ' ନାମକ ଏକ ଧାରାବାହିକରେ ଅଭିନୟ କଲି। ତା'ପରେ ଆଉ ପଛକୁ ଫେରି ଚାହିଁନି। ହିଟ୍‌ଲର୍ ଦିଦି, ପରିଚୟ, ସାବଧାନ ଇଣ୍ଡିଆ, ପବିତ୍ର ରିସ୍ତା, ପବିତ୍ର ବନ୍ଧନ ପରି ପାଖାପାଖି ୫୦ଟି ଧାରାବାହିକରେ ଅଭିନୟ କରିବା ପରେ ଚଳଚ୍ଚିତ୍ର ଜଗତ ଆଡେ ମୁହାଁଇଲି। 'ଏନଫ୍ ଇଜ୍ ଏନଫ୍' ଥିଲା ମୋ ଅଭିନୀତ ପ୍ରଥମ ସର୍ଟ ଫିଲ୍ମ। ଏଥିପାଇଁ ମୋତେ ଶ୍ରେଷ୍ଠ ଅଭିନେତାର ପୁରସ୍କାର ବି ମିଳିସାରିଲାଣି। ତା'ସହିତ ୟା' ଭିତରେ ପ୍ରାୟ ୧୪/୧୫ଟି ସର୍ଟ ଫିଲ୍ମରେ ଅଭିନୟ କରିସାରିଲିଣି। ସେହିପରି 'ଭିରେ ଦି ୱେଡ଼ିଂ', ଭୁତ୍ ୱାଲି ଲଭ୍ ଷ୍ଟୋରି ଚଳଚ୍ଚିତ୍ରରେ ଅଭିନୟ କରି ଦର୍ଶକଙ୍କର ଅନେକ ପ୍ରଶଂସା ସାଉଁଟି ସାରିଲିଣି। ଆଉ ଆଗକୁ ରିଲିଜ୍ ଅପେକ୍ଷାରେ ଥିବା ୪ଟି ଚଳଚ୍ଚିତ୍ରରେ ମଧ୍ୟ ଅଭିନୟ କରିସାରିଛି। ଯଥା ମଲାଲା ୟୁସୁଫ୍ ଜାଇଙ୍କ ଉପରେ ଆଧାରିତ ବାୟୋପିକ୍ ଫିଲ୍ମ 'ଗୁଲ୍ ମକାଇ', 'ଗନ୍ଦ୍‌ୱାଲି ଦୁଲ୍‌ହନିଆ', 'ଅର୍ନ୍ତଧ୍ୱନି', 'ପେପର୍ ରକେଟ୍'। ତା'ଛଡ଼ା ଯଶରାଜ୍ ଫିଲ୍ମସ୍ ବ୍ୟାନ୍‌ରରେ ପ୍ରସ୍ତୁତ 'ଶମଶେରା' ଚଳଚ୍ଚିତ୍ରରେ ବି ମୋର ଅଭିନୟ ଜାରି ରହିଛି।

–ଅମ୍ବିତା

# ଭେଟିବାକୁ ନାହିଁ ଟିକିଏ ତର, ଲୁଚି ଲୁଚି ଲେଖେ ଲଭ୍ ଲେଟର

**ପ୍ରଶ୍ନ–** ମୁଁ ଗୋଟିଏ ଝିଅକୁ ଭଲପାଉଛି। ମୁଁ ଏତେ ବ୍ୟସ୍ତ ଯେ, ତାକୁ ଦେଖା କରିବାକୁ ପାଖରେ ସମୟ ନାହିଁ। ତେଣୁ ମୋ ମନର କଥାକୁ ଲଭ୍ ଲେଟରରେ ଲେଖୁଛି। ମୁଁ ଯାହା କରୁଛି ଠିକ୍ କରୁଛି ତ ?

*– ପ୍ରଶାନ୍ତ କୁମାର, ନୀଳଗିରି*

**ଉତ୍ତର:** ଗୋଟିଏ କଥା। ଆପଣ ଯେଉଁ ପ୍ରେମ କରୁଛନ୍ତି, ତାହାର ଦି ଏଣ୍ଡ କିପରି ହେବ ଥରେ ଚିନ୍ତା କରିଛନ୍ତି ? ଯାହାକୁ ମନପ୍ରାଣ ଦେଇ ଭଲ ପାଉଛନ୍ତି, ସେ ଆପଣଙ୍କୁ ଗ୍ରୀନ୍ ସିଗ୍‌ନାଲ ଦେଖାଇ ସାରିଛି ତ ? ସେପଟେ ନିଜ ମନର ମାନସୀ ପାଇଁ ରାତିଅନିଦ୍ରା ହୋଇ ଲଭ୍ ଲେଟର ଲେଖୁଛନ୍ତି। 'ଭେଟିବାକୁ ନାହିଁ ଟିକିଏ ତର, ଲୁଚି ଲୁଚି ଲେଖେ ଲଭ୍ ଲେଟର'। ପ୍ରଥମେ ଯାହାକୁ ଭଲ ପାଉଛନ୍ତି ତାକୁ ଭେଟନ୍ତୁ। ବେଳକାଳ ଦେଖି ନିଜ ମନକଥା କୁହନ୍ତୁ। ତା'ପରେ ବିନା ଟେନ୍‌ସନରେ ଆଗେଇ ଚାଲନ୍ତୁ। ଏମିତି ପ୍ରେମ କଲେ ତାହା ମୂଲ୍ୟହୀନ, ସ୍ୱାଦହୀନ ହୋଇ ରହିଯିବ।

**ପ୍ରଶ୍ନ–** ମୁଁ ଜଣେ ଝିଅକୁ ୧୦ବର୍ଷ ହେଲା ଭଲ ପାଉଥିଲି। ହେଲେ ଠିକ୍ ବିବାହ କଥା ଉଠିଲା ବେଳକୁ ସେ ମନା କରି ଚାଲିଗଲା। ତାକୁ ଭୁଲିବାକୁ ଚାହିଁଲେ ମଧ୍ୟ ଭୁଲିପାରୁନି।

*– ଅଜୟ ସାହୁ, ଯାଜପୁର*

**ଉତ୍ତର:** ୧୦ବର୍ଷ ଧରି ଜଣେ ଝିଅକୁ ପ୍ରେମ କରୁଥିଲେ, ହେଲେ ସେ ଠିକ୍ ବେଳକୁ ଧୋକା ଦେଇ ଚାଲିଗଲା ! ସତରେ, ଏଭଳି କଥାକୁ ହଜମ କରିବା ସହଜ ନୁହେଁ। ତଥାପି ମନରେ ଧୈର୍ଯ୍ୟ ଆଣି ପଛ କଥାକୁ ଯେତେଶୀଘ୍ର ଭୁଲିବାକୁ ଚେଷ୍ଟା କରନ୍ତୁ। ନ ହେଲେ ସେଭଳି ଧୋକା ଅନଳରେ ସାରା ଜୀବନ ଏମିତି ସନ୍ତୁଳି ହେଉଥିବେ।

**ପ୍ରଶ୍ନ–** ମୁଁ ଯାହାକୁ ଭଲ ପାଉଛି, ତାକୁ ଆଉ ଦୁଇ ଜଣ ଭଲ ପାଉଛନ୍ତି। କ'ଣ କରିବି ?

*– ରାକେଶ, କେନ୍ଦ୍ରାପଡ଼ା*

**ଉତ୍ତର:** ଏଯାଏଁ ଆପଣ ଏଭଳି ପ୍ରେମକୁ ନେଇ କାହିଁକି ଶେଷ ନିଷ୍ପତ୍ତି ନେଇନାହାନ୍ତି ଜଣାପଡୁନାହିଁ। ଯଦି ସେହି ଝିଅ ପ୍ରତି ଏବେ ମଧ ଆପଣଙ୍କ ହୃଦୟରେ ଜାଗା ଅଛି, ତେବେ ସେହି ଜାଗା ପୂରଣ ହେବ ତାହାର କିଛି ଗ୍ୟାରେଣ୍ଟି ଅଛି କି ? ତେଣୁ ଯଦି ସେହି ପ୍ରେମ ଗୋଳିଆ ବୋଲି ଏବେଠାରୁ ହୃଦୟଙ୍ଗମ କରିସାରିଲେଣି, ତେବେ ଡେରି କାହିଁକି ? ବିଳମ୍ବ ନ କରି ସେଭଳି ପ୍ରେମରେ ପୂର୍ଣ୍ଣଚ୍ଛେଦ ପକାଇ ନୂଆ ଜୀବନ ଆରମ୍ଭ କଲେ କ୍ଷତି କ'ଣ ?

**ପ୍ରଶ୍ନ–** ପ୍ରେମିକା-ପ୍ରେମିକ ହସରେ କ'ଣ ଲୁଚି ରହିଥାଏ ?

*– ଆଦିତ୍ୟ ପ୍ରହରାଜ, ରାଉରକେଲା*

**ଉତ୍ତର:** ପ୍ରେମିକା-ପ୍ରେମିକ ହସରେ କ'ଣ ଲୁଚି ରହି ନ ଥାଏ କହୁନାହାନ୍ତି ? ସେହି ହସରେ ସାରା ଦୁନିଆର ଖୁସି ଲୁଚି ରହିଥାଏ। ପ୍ରେମିକା-ପ୍ରେମିକ ହସ ସବୁବେଳେ ପୂର୍ଣ୍ଣିମା ଜହ୍ନ ପରି ନିର୍ମଳ ହେବା ଦରକାର। ଏହା ସେତିକି ବେଳେ ସମ୍ଭବ, ଯେତେବେଳେ ପ୍ରେମରେ ଆଦୌ ଆବିଳତା ନ ଥାଏ।

ସାଥୀ



# ଜଙ୍ଗଲରେ ମନ

## ପିଲାଟି ଦିନରୁ ବିଭିନ୍ନ ବୃକ୍ଷ ରୋପଣ କରିବା ତାଙ୍କର ଅଭ୍ୟାସ। ତେଣୁ ସେ ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ ସର୍ବଦା ଉଦ୍ୟମ କରିଥାନ୍ତି...



ରମାକାନ୍ତ ପ୍ରଧାନ



ଦିନକୁଦିନ ପୃଥିବୀପୃଷ୍ଠରୁ ପ୍ରାକୃତିକ ଜଙ୍ଗଲ କ୍ଷୟ ହେଉଛି। ପରିବେଶ ସନ୍ତୁଳନରେ ସମସ୍ୟା ଉପୁଜୁଛି। ଜନଜୀବନ ପ୍ରତି ବିପଦ ମାଡ଼ିଆସୁଛି। ଜଙ୍ଗଲ ସୁରକ୍ଷା ଜୀବନ ରକ୍ଷା ଏହି ସ୍ଲୋଗାନକୁ ବାସ୍ତବରୂପ ଦେବାପାଇଁ ଦିନେ କି ଦୁଇଦିନ ନୁହେଁ ବରଂ ବର୍ଷବର୍ଷ ଧରି ସେ ବୃକ୍ଷ ରୋପଣକରି ଗଛର ଯତ୍ନ ନେଇଛନ୍ତି। । ନୂତନ ଜଙ୍ଗଲ ସୃଷ୍ଟି ପାଇଁ ଅନେକ ସମସ୍ୟା ଥିଲେ ବି ଅଟକି ଯାଇନି ଉଦ୍ୟମ। ଏଥିପାଇଁ ତାଙ୍କର ଏକ ନିଆରା ପରିଚୟ ସୃଷ୍ଟି ହୋଇପାରିଛି। ସେ ହେଲେ ରମାକାନ୍ତ ପ୍ରଧାନ। ପିତାଙ୍କ ନାମ ଦେବାନନ୍ଦ ପ୍ରଧାନ, ମାତା ଯମୁନା ଦେଈ। ଘର ଦେବଗଡ଼ ଜିଲାର ବାରକୋଟ ବ୍ଲକ ଅନ୍ତର୍ଗତ ଗୋଡ଼ଭଙ୍ଗା ଗ୍ରାମରେ । ଏହି ଜିଲାର ସଦର ମହକୁମାଠାରୁ ପ୍ରାୟ ୩୨ କି.ମି.ଦୂର ୪୯ନମ୍ବର ଜାତୀୟ ରାଜପଥ କଡ଼ରେ ରହିଛି ସ୍ୱସ୍ତିକ ୟୁପି ସ୍କୁଲ। ଏହି ସ୍କୁଲର ସେ ପ୍ରଧାନ ଶିକ୍ଷକ । ସେ କୁହନ୍ତି ପିଲାଟି ଦିନରୁ ବିଭିନ୍ନ ବୃକ୍ଷ ରୋପଣ କରିବା ଅଭ୍ୟାସ ରହିଛି । ସବୁଜ ବୃକ୍ଷଲତା ପରିବେଶରେ ବିଭିନ୍ନ ପଶୁ ପକ୍ଷୀଙ୍କୁ ଦେଖିଲେ ଖୁସି ଲାଗେ। ବୃକ୍ଷରୋପଣ ଓ ଜଙ୍ଗଲ ସୁରକ୍ଷା ପାଇଁ ସର୍ବଦା ଉଦ୍ୟମ କରିଥାଏ। ଜଙ୍ଗଲ ହିଁ ଜୀବନ । ଶିକ୍ଷକତା ସହିତ ପରିବେଶ ସୁରକ୍ଷା ଜରୁରୀ । ଛାତ୍ରୀଛାତ୍ରମାନଙ୍କୁ ଜଙ୍ଗଲର ଉପକାରିତା ବିଷୟରେ କହିଥାଏ। ସମାଜରେ ପେଟ ପୋଷିବା ପାଇଁ ଯିଏ ଯେଉଁ ବୃତ୍ତି କରୁନା କାହିଁକି ବୃକ୍ଷରୋପଣ ନ କଲେ ଜୀବନ ନିରର୍ଥକ ହୁଏ। ଜଙ୍ଗଲ ସୁରକ୍ଷା ପାଇଁ ୧୯୯୩ମସିହାରୁ ଗାଁ ନିକଟ ରମ୍ଭାଦେବୀ ଜଙ୍ଗଲରେ ଶାଳ, ପିଆଶାଳର ସୁରକ୍ଷା ଅଁଳା,କେନ୍ଦୁ, ଓ ମହୁଲ ଆଦି ବୃକ୍ଷରୋପଣ କରି ତାର ସୁରକ୍ଷା କରାଯାଉଛି। ଏପରିକି ଗାଁ ଜଙ୍ଗଲ କମିଟି ଓ ଛାତ୍ରୀଛାତମାନେ ତା'ର ସୁରକ୍ଷା ଦିଗରେ ମଧ୍ୟ ସହଯୋଗ କରିଥାନ୍ତି। ପ୍ରାୟ ଶହେ ଏକର ଜାଗାରେ ବିଦ୍ୟାର୍ଥୀଙ୍କ କଠିନ ପରିଶ୍ରମରେ ଏହି ଜଙ୍ଗଲକୁ ସଂରକ୍ଷିତ କରାଯାଇଛି । ଅନ୍ୟପକ୍ଷେ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ପ୍ରଧାନ ଶିକ୍ଷକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜଙ୍ଗଲକୁ ଯାଇଥାନ୍ତି। ସ୍କୁଲଛୁଟି ପରେ ପ୍ରାୟ ଅପରାହ୍ନ ସମୟରେ ଆଗ୍ରହୀଛାତ୍ର ଏବଂ ଗ୍ରାମବାସୀମାନଙ୍କ ସହିତ ଜଙ୍ଗଲକୁ ଯାଇଥାଉ। ଜଙ୍ଗଲରେ ଗଛରୁ ଝଡ଼ିପଡ଼ିଥିବା ଶୁଖିଲା ପତ୍ରକୁ ଓଳେଇ ସଫା କରିଥାନ୍ତି। ଜଙ୍ଗଲ ଭିତରକୁ କେହି ଯଦି ଅନୁପ୍ରବେଶ କରୁଥିବା ନଜରକୁ ଆସେ ବୃକ୍ଷର ସୁରକ୍ଷା ନିମନ୍ତେ ଅନୁରୋଧ କରିଥାନ୍ତି। ଗଛକୁ ନ କାଟିବା ପାଇଁ କହିଥାନ୍ତି। ଗାଁର ସମସ୍ତଙ୍କ ଉଦ୍ୟମରେ ଏକ ବିଶାଳ ଜଙ୍ଗଲ ସୃଷ୍ଟି ହୋଇପାରିଛି । ଗାଁର ହାଡ଼ିବନ୍ଧୁ ମାହାନ୍ତ କୁହନ୍ତି ପ୍ରାୟ ୨୫ବର୍ଷଧରି ରମାକାନ୍ତ ପ୍ରଧାନ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଆସୁଛନ୍ତି। ଗାଁ ଜଙ୍ଗଲ କମିଟି ତରଫରୁ ପ୍ରତିମାସରେ ଥରେ ଗାଁରେ ସଭାହୁଏ। ସକାଳେ ଓ ସନ୍ଧ୍ୟା ସମୟରେ ଗ୍ରାମବାସୀ ଜଙ୍ଗଲ ସୁରକ୍ଷା ନିମନ୍ତେ ଜଙ୍ଗଲ ଭିତରେ ଘୁରିବୁଲିଥାନ୍ତି। ଏବେ ବାରକୋଟ ଠାରୁ ହିଞ୍ଜଳିତା ଯାଏ ପ୍ରାୟ ୪କି.ମି ଦୂର ପଥପାର୍ଶ୍ୱରେ ପ୍ରାୟ ଏକହଜାର ବୃକ୍ଷରୋପଣ କରାଯାଇଛି। ଛାତ୍ରୀଛାତ୍ରଙ୍କ ପାଇଁ ଆଜି ଏହି ଜଙ୍ଗଲ ଉତ୍ସର୍ଗୀକୃତ। ମାତ୍ର ପ୍ରଧାନଶିକ୍ଷକ ରମାକାନ୍ତଙ୍କ ଉତ୍ସର୍ଗୀକୃତ ତ୍ୟାଗ, ନିଷ୍ଠା ଓ ଇଚ୍ଛାଶକ୍ତିକୁ ସାକାର କରିବା ପାଇଁ ଗ୍ରାମର ସମସ୍ତଙ୍କ ସହଯୋଗ ରହିଛି। ଜଙ୍ଗଲ ସୁରକ୍ଷା ଯୋଗୁ ତାଙ୍କୁ ୨୦୦୭ ମସିହାରେ ଜଙ୍ଗଲ ବିଭାଗ ତରଫରୁ ପ୍ରକୃତିବନ୍ଧୁ ପୁରସ୍କାର ମିଳିଛି। ୨୦୧୧ରେ ପ୍ରକୃତିମିତ୍ର ପୁରସ୍କାର ଏବଂ ୨୦୧୬ରେ ଆର୍ଦଶ କାର୍ଯ୍ୟ ପାଇଁ ରାଜ୍ୟସ୍ତରୀୟ ଶିକ୍ଷକସମ୍ମାନ ମିଳିଛି। ପ୍ରତିବର୍ଷ ବନମହୋତ୍ସବ ଏବଂ ଅଗ୍ନିନିରାପତ୍ତା ସପ୍ତାହ ପାଳିତ କରାଯାଇଥାଏ। ଏବେ ଏହି ଜଙ୍ଗଲ ସ୍ଥାନୀୟ ଅଞ୍ଚଳବାସୀଙ୍କ ଆର୍ଥିକ ଓ ସାମାଜିକ ସ୍ଥିତିକୁ ସୁଦୃଢ଼ କରିପାରିଛି। ଭାଲୁ , କୁଟ୍ରା, ବାର୍ହା, ଝିଙ୍କ, ମାଙ୍କଡ଼, ଠେକୁଆ, ଶୃଗାଳ, ମୟୂର ସହ ଅନ୍ୟାନ୍ୟ ଜଙ୍ଗଲ ଜୀବଜନ୍ତୁଙ୍କ ପାଇଁ ଏଠାର ପରିବେଶ ବେଶ୍ ଖୋରାକ ଯୋଗାଉଛି। ଏକଥା ସତ ଯେ ଯେଉଁ କାମ ଜଙ୍ଗଲ ବିଭାଗ ଦ୍ୱାରା ସମ୍ଭବ ହେଉନାହିଁ ତାହା ଜଣେ ଶିକ୍ଷକଙ୍କ ଉଦ୍ୟମରେ ଗ୍ରାମବାସୀଙ୍କ ସହଯୋଗରେ ସଫଳ ହୋଇପାରିଛି। ଏହା ଅନ୍ୟମାନଙ୍କ ପାଇଁ ପ୍ରେରଣା ଯୋଗାଇଛି।

*–ବନବିହାରୀ ବେହେରା*

*ଫଟୋ: ଭୁବନେଶ୍ୱର ପ୍ରଧାନ*

# ପାଇକ ବିଦ୍ରୋହ: କିଛି କଥା

ଶତ୍ରୁ କବଳରୁ ରାଜ୍ୟ ରକ୍ଷା ଓ ନିଜର ସୁରକ୍ଷା ପାଇଁ ରାଜାରାଜୁଡ଼ା ସମୟରୁ ପାଇକବାହିନୀ ବ୍ୟବସ୍ଥା ପ୍ରଚଳିତ ଥିଲା। ଯେଉଁଠାରେ ପାଇକ ବାହିନୀ ରହୁଥିଲେ, ସେହି ସ୍ଥାନକୁ ବାହ୍ୟଶତ୍ରୁ ପ୍ରବେଶ କରିବାକୁ ହଠାତ୍ ସାହସ କରିପାରୁନଥିଲେ। ୧୮୦୩ ମସିହା ପୂର୍ବରୁ ଓଡ଼ିଶାରେ ମରହଟ୍ଟାମାନେ ଶାସନ କରୁଥିଲେ। ମାତ୍ର ୧୮୦୩ ସେପ୍ଟେମ୍ବର ୧୧ ତାରିଖ ବେଳକୁ ଇଂରେଜମାନେ ଓଡ଼ିଶାରେ ମରହଟ୍ଟାମାନଙ୍କୁ ପରାସ୍ତ କରି ଓଡ଼ିଶାକୁ ଶାସନ କଲେ । ବ୍ରିଟିଶ ଇଷ୍ଟ ଇଣ୍ଡିଆ କମ୍ପାନୀ ଖୋର୍ଦ୍ଧାକୁ ଆସିବା ଦିନଠାରୁ ଓଡ଼ିଶାବାସୀଙ୍କ ଉପରେ ଦିନକୁଦିନ ଅନ୍ୟାୟ ଅତ୍ୟାଚାର ବଢ଼ିବାରେ ଲାଗିଲା। ଗୋଟିଏ ପରେ ଗୋଟିଏ ପ୍ରଜାବିରୋଧୀ ନୀତି, ଭୂବନ୍ଦୋବସ୍ତ, ଲୁଣମରା, ଶ୍ରୀମନ୍ଦିରରେ ଅନେକ କଟକଣା ଜାରି କଲେ। ଖୋର୍ଦ୍ଧାର ରାଜା ଦ୍ୱିତୀୟ ମୁକୁନ୍ଦଦେବ ନାବାଳକ ଥିବାରୁ ଜୟୀ ରାଜଗୁରୁ ସେହି ରାଜାଙ୍କ ମୁଖ୍ୟ ପରାମର୍ଶଦାତା ରୂପେ ରାଜକାର୍ଯ୍ୟ ପରିଚାଳନା କରୁଥିଲେ। ୧୮୦୪ରେ ବ୍ରିଟିଶ୍ ବିରୋଧରେ ପ୍ରଥମେ ଜୟୀ ରାଜଗୁରୁଙ୍କ ନେତୃତ୍ୱରେ ଆରମ୍ଭ ହୋଇଥିଲା ବିଦ୍ରୋହ। ସମୟକ୍ରମେ ୧୮୧୭, ୧୮୨୫, ୧୮୨୭ ଓ ୧୮୩୬ ମସିହାରେ ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଇକ ବିଦ୍ରୋହକୁ ଅଧିକରୁ ଅଧିକ ତେଜୀୟାନ୍ କରିଥିଲା। ମହାନ୍ ପାଇକ ନେତା ଜୟୀ ରାଜଗୁରୁଙ୍କ ପରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର, ତାପଙ୍ଗ ଦଳବେହେରା ସାମନ୍ତ ମାଧବଚନ୍ଦ୍ର ରାଉତରାୟ, ପିଣ୍ଡିକି ବାହୁବଳେନ୍ଦ୍ର, ଚନ୍ଦନ ହଜୁରୀ (ଚାଖିଖୁଣ୍ଟିଆ), ଚକରା ବିଶୋଇ, ପଞ୍ଚୁ ନାଏକ, କୃତ୍ତିବାସ ପାଟ୍ଟଶାଣୀ, ଦିନା ଜାନୀ, ସାଧୁ ଜାନୀ, ଲୋଚନ ବିଶୋଇ, ବ୍ରଜନନ୍ଦ ସିଂ, ଭାଟପଡ଼ାର ଦୀନବନ୍ଧୁ ସାମନ୍ତରାଙ୍କ ସମେତ ଅନେକ ବୀରପାଇକ ବ୍ରିଟିଶ୍ ବିରୋଧରେ ସଂଗ୍ରାମ କରିଥିଲେ । ସେତେବେଳେ ଓଡ଼ିଶାର ବିଭିନ୍ନ ଅଞ୍ଚଳର ସାଧାରଣବର୍ଗର ଲୋକମାନେ ଏହି ପାଇକ ବିଦ୍ରୋହରେ ଯୋଗ ଦେଇଥିଲେ। ଏବେ ବି ଅନେକ ଐତିହାସିକ ସ୍ଥାନ ଓ ବୀର ଶହୀଦଙ୍କ ନାମ ଅନାଲୋଚିତ ଥିବାର ମନେହୁଏ। ଏ ସମ୍ପର୍କରେ ଅଧିକ ଗବେଷଣାର ଆବଶ୍ୟକତା ରହିଛି ।






**ସୂଚନା:** ଏଠାରେ ଫଟୋ ପ୍ରକାଶ ପାଇବା ପାଇଁ କିଛି ଟଙ୍କା ଦେବାକୁ ପଡ଼େନାହିଁ। ଯୋଗ୍ୟ ବିବେଚିତ ଫଟୋ ହିଁ ପ୍ରକାଶ ପାଇବ।



ପ୍ରତୀକ୍ଷା

ଆପଣଙ୍କ ମୁହଁ ମଡେଲ ମିରର୍‌ରେ ଦେଖିବାକୁ ଚାହୁଁଥିଲେ
ଯୋଗାଯୋଗ: ଧରିତ୍ରୀ ଛୁଟିଦିନ, ବି-୧୫ ରସୁଲଗଡ଼
ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
ଫୋନ ନଂ: (୦୬୭୪) ୨୫୮୦୧୦୧

# ହାଃ ହାଃ

## ବାର୍ଡ ଫ୍ଲୁ

ଶିକ୍ଷକ ମଣ୍ଟୁକୁ- ଏତେଦିନ ଧରି ସ୍କୁଲ କାହିଁକି ଆସି ନ ଥିଲୁ?
ମଣ୍ଟୁ-ମତେ ବାର୍ଡ ଫ୍ଲୁ ହୋଇଯାଇଥିଲା।
ଶିକ୍ଷକ- ଏଇଟା ତ ପକ୍ଷୀଙ୍କୁ ହୁଏ। ତତେ କେମିତି ହେଲା?
ମଣ୍ଟୁ- ସାର୍, ଆପଣ ତ ମୋତେ କେବେ ବି ମଣିଷ ବୋଲି ଭାବି ନ ଥିଲେ। ସବୁବେଳେ କୁକୁଡ଼ା ବନେଇ ଦେଉଥିଲେ। ସେଥିପାଇଁ ବୋଧେ ହେଇଗଲା।

## ଚାନ୍ଦ

ପୁଅ ଝିଅକୁ- ତମକୁ ଘରେ କ'ଣ ଡାକନ୍ତି?
ଝିଅ-ଚାନ୍ଦ। ଆଉ ତମକୁ କ'ଣ ଡାକନ୍ତି?
ପୁଅ-ନିଲ୍ ଆର୍ମଷ୍ଟ୍ରଙ୍ଗ୍।

## ବଡ଼

ବସ୍‌ରେ ଦୁଇଜଣ ମହିଳା ସିଟ୍ ପାଇଁ ଝଗଡ଼ା ହେଉଥାଆନ୍ତି। ଏତିକିବେଳେ କଣ୍ଡକ୍ଟର ଆସି- ଗୋଟେ କାମ କରନ୍ତୁ। ଆପଣ ଦୁହିଁଙ୍କ ଭିତରୁ ଯିଏ ବଡ଼, ସିଏ ସିଟ୍‌ରେ ବସନ୍ତୁ। ଏହାପରେ ଝଗଡ଼ା ବନ୍ଦ। ସିଟ୍‌ରେ ଅନ୍ୟ ଜଣେ ବସିଲେ। ଆଉ ଦୁହେଁ ଠିଆହୋଇ ଗଲେ।

# ପ୍ରାକୃତିକ ବୈଭବର ଗନ୍ତାଘର

# ଚଲାକୁଡ଼ି

ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର ଚଲାକୁଡ଼ି କେରଳର ଏକ ଲୋକପ୍ରିୟ ପର୍ଯ୍ୟଟନସ୍ଥଳୀ। ପାହାଡ଼, ଜଙ୍ଗଲ, ଜଳପ୍ରପାତଘେରା ଏହି ସ୍ଥାନଟିକୁ ସ୍ୱର୍ଗ ତୁଲ୍ୟ ସ୍ଥାନ ଭାବେ ଅନେକ ବିବେଚନା କରିଥାଆନ୍ତି...





କେରଳର ତ୍ରିଶୂର ଜିଲାସ୍ଥିତ ଚଲାକୁଡ଼ି ହେଉଛି ଏକ ସୁନ୍ଦର ସହର, ଯାହା ପ୍ରାକୃତିକ ତଥା ସାଂସ୍କୃତିକ ମହତ୍ତ୍ୱ ପାଇଁ ବେଶ୍ ଚର୍ଚ୍ଚିତ। ଏହି ସ୍ଥାନଟି ସେହିମାନଙ୍କ ପାଇଁ ପ୍ରଯୁଜ୍ୟ, ଯେଉଁମାନେ ପ୍ରକୃତିକୁ ଭଲପାଇବା ସହ ତା'ର ସୌନ୍ଦର୍ଯ୍ୟକୁ ଉପଭୋଗ କରିବାର ଆଶା ରଖିଥାଆନ୍ତି। ଘଞ୍ଚ ଜଙ୍ଗଲ ସାଙ୍ଗକୁ ଜଳପ୍ରପାତ ତଥା ପାହାଡ଼ ପର୍ବତ ଏଠାକାର ପ୍ରାକୃତିକ ଦୃଶ୍ୟକୁ ଆହୁରି ଆକର୍ଷଣୀୟ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଆନ୍ତି। ସେହିପରି ଏଠାକାର ଧାର୍ମିକସ୍ଥଳୀଗୁଡ଼ିକ ବି ଦୂରଦୂରାନ୍ତରୁ ଭକ୍ତଗଣକୁ ଟାଣି ଆଣିଥାଆନ୍ତି। ଖାସ୍ ସେଇଥିପାଇଁ ଏଠାରେ ବର୍ଷସାରା ପର୍ଯ୍ୟଟକଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ।

### କେବେ ଯିବେ

ବର୍ଷର ଯେକୌଣସି ସମୟରେ ଏଠାକୁ ବୁଲିଯିବାର ସୁବିଧା ଥିଲେ ହେଁ, ଅକ୍ଟୋବରରୁ ମାର୍ଚ୍ଚ ହେଉଛି ଏଥିପାଇଁ ସବୁଠୁ ପ୍ରକୃଷ୍ଟ ସମୟ। କାରଣ ଏହି ସମୟରେ ପାଣିପାଗ ଅନୁକୂଳ ରହୁଥିବାରୁ ବୁଲାବୁଲି କରିବାକୁ ଉତ୍ସାହ ବଢ଼ିଥାଏ।



### କେମିତି ଯିବେ

ଏଠାକୁ ଯିବା ପାଇଁ ଗମନାଗମନର ମଧ୍ୟ ବେଶ୍ ସୁବିଧା ରହିଛି। ଡିଭାଇନ୍ ନଗର ରେଲୱେ ଷ୍ଟେଶନ ଓ ଚଲାକୁଡ଼ି ରେଲୱେ ଷ୍ଟେଶନ ଏହାର ଦୁଇ ନିକଟତମ ଷ୍ଟେଶନ ହୋଇଥିବାବେଳେ କୋଚିନ୍ ଇଣ୍ଟରନ୍ୟାଶନାଲ୍ ଏୟାରପୋର୍ଟ ହେଉଛି ଏହାର ନିକଟତମ ବିମାନବନ୍ଦର, ଯାହା ଚଲାକୁଡ଼ିଠାରୁ ମାତ୍ର ୨୨ କି.ମି ଦୂରରେ ଅବସ୍ଥିତ। ତା'ଛଡ଼ା ଦେଶର ବିଭିନ୍ନ ସ୍ଥାନରୁ ଟୁରିଷ୍ଟ ବସ୍‌ର ମଧ୍ୟ ସୁବିଧା ରହିଛି।

### କ'ଣ ଦେଖିବେ

**ଚଲାକୁଡ଼ି ନଦୀ:** ଚଲାକୁଡ଼ି ଭ୍ରମଣ ପାଇଁ ସର୍ବପ୍ରଥମେ ଏହି ସ୍ଥାନରୁ ଶୁଭାରମ୍ଭ କଲେ ଉତ୍ତମ। କାରଣ ଏହି ନଦୀଟିର ମନୋରମ ଦୃଶ୍ୟ ପର୍ଯ୍ୟଟକଙ୍କୁ ଆକର୍ଷିତ କରିବା ସହିତ ରୋମାଞ୍ଚିତ କରିଥାଏ। ତା'ଛଡ଼ା ଏହି ନଦୀ ନିଜର ଖାସ୍ ଜୈବ-ବିବିଧତା ପାଇଁ ମଧ୍ୟ ଲୋକପ୍ରିୟତା ପାଇଛି। ଏଠାରେ ପ୍ରାୟ ୧୫୦ରୁ ଊର୍ଦ୍ଧ୍ୱ ପ୍ରଜାତିର ମାଛ ଦେଖିବାକୁ ମିଳିଥାଏ, ଯାହା ପର୍ଯ୍ୟଟକଙ୍କୁ ଖୁବ୍ ମୁଗ୍ଧ କରିଥାଏ।



**ଅଥିରାପିଲ୍ଲୀ ଜଳପ୍ରପାତ:** କେରଳର ଏହା ଏକ ବଡ଼ ଜଳପ୍ରପାତ ଭାବେ ଜଣାଶୁଣା, ଯାହାର ଉଚ୍ଚତା ପ୍ରାୟ ୮୦ ମିଟର ହେବ। ଘଞ୍ଚ ଜଙ୍ଗଲ ମଧ୍ୟରେ ଅବସ୍ଥିତ ହୋଇଥିବାରୁ ଏହି ଜଳ ପ୍ରପାତଟିକୁ ପ୍ରକୃତିର ଏକ ଉପହାର ସଦୃଶ ପର୍ଯ୍ୟଟନସ୍ଥଳୀ ଭାବେ ଗଣା ଯାଇଥାଏ। ତା'ଛଡ଼ା ଏହି ଜଳପ୍ରପାତ ନିକଟରେ ଅନେକ ବନସ୍ପତି ବୃକ୍ଷ ତଥା ଜୀବଜନ୍ତୁ ଦେଖିବାକୁ ମିଳିଥାଏ। ପ୍ରକୃତିପ୍ରେମୀଙ୍କ ପାଇଁ ଏହା ଏକ ଖାସ୍ ସ୍ଥାନ କହିଲେ ଭୁଲ୍ ହେବ ନାହିଁ। ଏହା ଚଲାକୁଡ଼ିଠାରୁ ପ୍ରାୟ ୩୦ କି.ମି., ତ୍ରିଶୂରଠାରୁ ପ୍ରାୟ ୬୦ କି.ମି ତଥା କୋଚିନ୍ ଇଣ୍ଟରନ୍ୟାଶନାଲ୍ ଏୟାର୍‌ପୋର୍ଟଠାରୁ ୫୫ କି.ମି ଦୂରରେ ରହିଛି।

**ବଜାଚଲ ଜଳପ୍ରପାତ:** ଚଲାକୁଡ଼ିଠାରୁ ଏହା ପ୍ରାୟ ୩୬ କି.ମି ଏବଂ ଅଥିରାପିଲ୍ଲୀ ଜଳପ୍ରପାତଠାରୁ ୫ କି.ମି ଦୂରରେ ଅବସ୍ଥିତ। ଏହାର ଆକର୍ଷଣୀୟ ପ୍ରାକୃତିକ ଦୃଶ୍ୟ ବି ବେଶ୍ ମନୋରମ ଲାଗିଥାଏ। କିନ୍ତୁ ବର୍ଷାଦିନେ ଏହି ଜଳପ୍ରପାତଟି ଭୟଙ୍କର ରୂପ ଧାରଣ କରେ। ତେଣୁ ବର୍ଷାଦିନେ ଏଠାକୁ ଯିବା ପାଇଁ କେହି ସାହସ କରି ନଥା'ନ୍ତି।

ଏସବୁ ବ୍ୟତୀତ ଚଲାକୁଡ଼ିରେ ସବୁ ଧର୍ମର ପର୍ଯ୍ୟଟକଙ୍କ ପାଇଁ ଭିନ୍ନ ଭିନ୍ନ ଧାର୍ମିକ ଅନୁଷ୍ଠାନ ରହିଛି। ଖାସ୍ କରି ସେଣ୍ଟ ମେରୀ ଫୋରାନେ ଚର୍ଚ୍ଚ ହେଉଛି ଏଠାକାର ଏକ ପୁରାତନ ଚର୍ଚ୍ଚ, ଯେଉଁଠାକୁ ପ୍ରତ୍ୟେକ ବର୍ଗର ପର୍ଯ୍ୟଟକଙ୍କୁ ବୁଲି ଯିବାର ଅନୁମତି ରହିଛି। ତେଣୁ ଏଠାକୁ ଗଲେ ନୂଆ ଅନୁଭୂତି ମିଳିବା ସ୍ୱାଭାବିକ।











# ୬୦୦ ସାଣ୍ଟା କଲେ ସର୍ଫିଂ

**ସା**ଣ୍ଟାକ୍ଲଜ୍‌ଙ୍କୁ ବାସ୍ତବରେ କିଏ ବା ଦେଖିଛି? ହେଲେ ଖ୍ରୀଷ୍ଟମାସରେ ସାଣ୍ଟାକ୍ଲଜ୍ ବେଶଧାରୀ ବ୍ୟକ୍ତିଙ୍କୁ ସମସ୍ତେ ଭଲ ପାଆନ୍ତି। ଆଉ ଖ୍ରୀଷ୍ଟମାସ୍ ଦିନଟି ସେମାନଙ୍କର ଅନ୍ୟଙ୍କୁ ଖୁସି ବାଣ୍ଟିବାରେ ବିତିଥାଏ। ସେଇଥିପାଇଁ ବୋଧେ ଖ୍ରୀଷ୍ଟମାସର ପୂର୍ବଦିନ ଫ୍ଲୋରିଡାର କୋକୋଆ ବିଚ୍‌ରେ ସାଣ୍ଟାକ୍ଲଜ୍ ବେଶଧାରୀଙ୍କର ହୁଏ ପ୍ରବଳ ଭିଡ଼। ଆଉ ସେଠି ସେମାନେ ବଲ୍‌ଗା ହରିଣ ଟାଣୁଥିବା ସ୍ଲେଜ୍ ଗାଡି ଚଳାଇ ନ ଥାଆନ୍ତି। ବରଂ ସମୁଦ୍ରର ଢେଉରେ କରନ୍ତି ସର୍ଫିଂ। ସେ ପୁଣି ଜଣେ କି ଦୁଇଜଣ ନୁହନ୍ତି, ବରଂ ଶହ ଶହ ସାଣ୍ଟା। ଚଳିତ ବର୍ଷ ତ ୬୦୦ରୁ ଊର୍ଦ୍ଧ୍ୱ ଏବଂ ସବୁ ବୟସ, ବର୍ଗ, ଆକାରର ସାଣ୍ଟା ବେଶଧାରୀ ଜମା ହୋଇଥିଲେ ଏହି ବେଳାଭୂମିରେ। ଆଉ ସର୍ଫିଂର ମଜା ବି ଉଠାଇଥିଲେ। ୨୦୦୯ରୁ କୋକୋଆ ବିଚ୍‌ରେ ଏହି ସର୍ଫିଂ ସାଣ୍ଟାର ପରମ୍ପରା ଆରମ୍ଭ ହୋଇଛି। ଯେତେବେଳେ ଜର୍ଜ ଟୋର୍ସେଟ୍ ନାମକ ସର୍ଫର୍ ହୋଣ୍ଡାର ଏକ ବିଜ୍ଞାପନରେ ସାଣ୍ଟା ବେଶଧାରୀ ସର୍ଫରଙ୍କୁ ଦେଖିଲେ, ସେବେଠୁ ଏହିଭଳି କିଛି କରିବାର ଯୋଜନା କଲେ। ଆଉ ପ୍ରଥମେ ନିଜ ପତ୍ନୀଙ୍କୁ ସାଣ୍ଟାଙ୍କ ଆଉଟ୍‌ଫିଟ୍ ପରି ୱେଟ୍ ସୁଟ୍ ପିନ୍ଧାଇ ସର୍ଫିଂ କରିବାକୁ କହିଥିଲେ। ଲୋକେ ଏହାକୁ ପସନ୍ଦ କରିଥିଲେ। ପରେ ଉକ୍ତ ବିଚ୍‌ରେ ଖ୍ରୀଷ୍ଟମାସ ପୂର୍ବଦିନ ଏହି ଦୃଶ୍ୟ ପ୍ରତିବର୍ଷ ଦେଖିବାକୁ ମିଳୁଛି। ଚ୍ୟାରିଟି କାର୍ଯ୍ୟକ୍ରମ କରାଯାଇ ସଂଗୃହୀତ ଟଙ୍କା କ୍ୟାନ୍ସର ପୀଡିତ ଓ ଫ୍ଲୋରିଡା ସର୍ଫ ମ୍ୟୁଜିୟମ୍‌କୁ ପ୍ରଦାନ କରାଯାଉଛି।

## କାର୍ଟୁନ କର୍ନର



# ସେଇ ଖଣ୍ଡିଏ ଚିଠି

"ମୁଁ ଓଡ଼ିଆ ଘରର ପୁଅ। ମୋ କଥାରୁ ଓଡ଼ିଆ ପଖାଳର ବାସ୍ନା ଛୁଟୁ। ମୋ ଶବ୍ଦରୁ ଓଡ଼ିଆ ମାଟିର ମହକ ଝରିଯାଉ। ବିଶ୍ୱାସ କରନ୍ତୁ, ଏଭଳି ଭାବନାରୁ ମୋର ସବୁ ଲେଖା ଆରମ୍ଭ।" ହଁ, ଓଡ଼ିଶାର ମାଟି, ପାଣି, ପବନର କାହାଣୀ କହୁଥିବା ମଣିଷ ଜଣକ ହେଉଛନ୍ତି ଯାତ୍ରାଜଗତର ଅନ୍ୟତମ ସଫଳ ନାଟ୍ୟକାର ଅରୁଣ ବାରିକ; ଯାହାଙ୍କ ବିଷୟରେ ଏକଦା ଲିଭିଲ ମାଷ୍ଟର ବିନୋଦ ରାଉତ କହିଥିଲେ- 'କେହି ଯଦି ନାଟ୍ୟକାର ଅନନ୍ତ ଓଝାଙ୍କ ବିକଳ୍ପ ହୋଇପାରେ ସେ ହେଉଛନ୍ତି ଅରୁଣ ବାରିକ।'

– ଜାଣନ୍ତି କି, ମାତ୍ର ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଅରୁଣଙ୍କ କଲମରୁ ସୃଷ୍ଟି ହୋଇଥିଲା ପ୍ରଥମ ନାଟକ। ରଚନା ଲେଖୁଥିବା ବୟସରେ ସେ ଲେଖିଥିଲେ ନାଟକ 'ରକ୍ତର ଆହୁତି'। ଏ ବାବଦରେ ଅରୁଣ କହନ୍ତି, "ଇଏ ହେଉଛି ପ୍ରାକ୍-କୈଶୋରର କଥା। ବାପା ସ୍ୱର୍ଗତ କପିଳ ବାରିକ ଥିଲେ ଜଣେ ସୌଖୀନ କଳାକାର। ଗାଁରେ ଭରପୂର ଯାତ୍ରାର ମାହୋଲ। କୋଉଠି ନା କୋଉଠି ଯାତ୍ରା, ପାଲା, ଦାସକାଠିଆ ନ ହେଲେ ସୁଆଙ୍ଗ। ସେଭଳି ଏକ ପରିବେଶରେ ମୁଁ ବଢ଼ିଛି। ପୁଣି ଆମ ଭଦ୍ରକର ବାତାବରଣ ବି ନିଆରା। ତେଣୁ ମୋ ଅଜାଣତରେ କେତେବେଳେ ମୋ ଭିତରେ ଗୋଟେ ନାଟ୍ୟକାର ଜନ୍ମ ନେଇସାରିଥିଲା ସେକଥା ଖୋଦ୍ ମୋତେ ବି ଜଣା ନ ଥିଲା।' ସେ ଯା' ବି ହେଉ, ସାଥୀ ପିଲାଙ୍କ ସହଯୋଗରେ ମଞ୍ଚସ୍ଥ ହୋଇଥିଲା 'ରକ୍ତର ଆହୁତି'। ପାକଳ ହୋଇ ନ ଥିବା ହାତରୁ ଉତୁରିଥିବା ନାଟକଟି ଆଉ କାହାକୁ ଭଲଲାଗୁ କି ନ ଲାଗୁ ଅରୁଣଙ୍କ ବାପା କପିଳବାବୁ କିନ୍ତୁ ଭାବବିହ୍ୱଳ ହୋଇ ଉଠିଥିଲେ। ନାଟକଟିକୁ ଦେଖି ତାଙ୍କ ଆଖିରେ ଲୁହ ଜକେଇ ଆସିଥିଲା। ସମ୍ଭବତଃ ସେ ପୁଅ ଅରୁଣଙ୍କ ଭିତରେ ସେଦିନ ଦେଖି ପାରିଥିଲେ ଆଜିର ଲୋକପ୍ରିୟ ନାଟ୍ୟକାର ଅରୁଣ ବାରିକଙ୍କୁ।


ଅରୁଣ ବାରିକ

– ୧୯୯୬! ଅରୁଣଙ୍କ ମତରେ, ତାଙ୍କ ପାଇଁ ଏହା ତାଙ୍କ ସ୍ୱପ୍ନ ପୂରଣ ହେବାର ବର୍ଷ। ଏଇ ବର୍ଷ ସେ ସାହାଣୀ ଅପେରା ପାଇଁ ଲେଖିଲେ ତାଙ୍କର ପେସାଦାର ନାଟ୍ୟକାର ଜୀବନର ପ୍ରଥମ ନାଟକ 'ମୋ ଜାଇ ଯିବ ଶାଶୁଘର'। ତେବେ ମଜାର କଥା ଏହା ପଛରେ ଯାହାର ସବୁଠାରୁ ବେଶି ଭୂମିକା ଥିଲା ତାହା ହେଉଛି ଖଣ୍ଡିଏ ଚିଠି। ନୀଳରଙ୍ଗର ଗୋଟିଏ ଇନ୍‌ଲାଣ୍ଡ ଲେଟର! ନାଟକ ଲେଖିବା ଆଉ ନାଟ୍ୟକାର ହେବା ମଧ୍ୟରେ ରହିଛି ଅନେକ ତ୍ୟାଗ ଆଉ ସଂଘର୍ଷର କାହାଣୀ। ପାଣ୍ଡୁଲିପିକୁ ଧରି ସେ ବିଭିନ୍ନ ଲୋକଙ୍କୁ ଭେଟିଛନ୍ତି। ସୁଯୋଗଟିଏ ପାଇବାକୁ ଯାଇ ବାରମ୍ବାର ହତାଶର ସାମ୍ନା କରିଛନ୍ତି। ସେତେବେଳେ ନା ଥାଏ ପରିଚୟ ନା ଥାଏ ସୁପାରିସ। ତେଣୁ ବାରମ୍ବାର ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଗାଁ ପାଖକୁ ଆସିଥାଏ ସେତେବେଳର ଲୋକପ୍ରିୟ ଯାତ୍ରାନୁଷ୍ଠାନ 'ସାହାଣୀ ଅପେରା'। ସେ ଯାଇ ଭେଟନ୍ତି ଭେଟେରାନ୍ ନକୁଳ ପାତ୍ରଙ୍କୁ। ପାଣ୍ଡୁଲିପି ଦେଖାନ୍ତି। ସୁଯୋଗ ପାଇଁ ଅନୁରୋଧ କରନ୍ତି। ମାତ୍ର ନା, ଯଥା ପୂର୍ବଂ ତଥା ପରମ୍। ତେବେ ଘଟଣାଟିଏ ଘଟେ। ସୁଯୋଗ ସିନା ମିଳେନି। ହେଲେ ନକୁଳବାବୁଙ୍କ ସହ ପରିଚୟ ଗଢ଼ିଉଠେ। ଚିଠିପତ୍ରର ସମ୍ପର୍କ ସ୍ଥାପିତ ହୁଏ। ନାଟ୍ୟକାର ହେବାର ସ୍ୱପ୍ନରେ ବିଭୋର ହେଉଥିବା ତରୁଣ ଅରୁଣ ନକୁଳବାବୁଙ୍କ ନିକଟକୁ ନିୟମିତ ଚିଠି ଲେଖନ୍ତି। ଦିନେ ଅରୁଣଙ୍କ ପ୍ରେରିତ ଗୋଟିଏ ଇନ୍‌ଲାଣ୍ଡ ଲେଟର୍‌ର ଚିଠି ତରଳେଇ ଦିଏ ନକୁଳବାବୁଙ୍କୁ। ସେ ଭାବନ୍ତି, ଯାହା ଚିଠିର ଭାଷା ଏତେ ଆବେଗିକ, ଯାହାର ଲେଖିବାର ଶୈଳୀ ଏତେ ସୁନ୍ଦର ତାକୁ ଥରେ ପଢ଼ିବାରେ ଅସୁବିଧା କେଉଁଠି? ନକୁଳବାବୁ ଡାକିଲେ ଅରୁଣଙ୍କୁ। ତାଙ୍କର ନାଟକ ପଢ଼ିଲେ। ଅନୁଷ୍ଠାନ ସହିତ ଆଲୋଚନା କଲେ। ବିଶ୍ଳେଷଣ କଲେ। ଶେଷକୁ ସାହାଣୀରେ ମିଳିଲା ସୁଯୋଗ। ମଞ୍ଚସ୍ଥ ହେଲା ନାଟକ 'ମୋ ଜାଇ ଯିବ ଶାଶୁଘର'। ଖୋଲିଗଲା ଆଗକୁ ଯିବାର ବାଟ। ଓଡ଼ିଶାର ଯାତ୍ରାଜଗତ ପାଇଲା ଜଣେ ନୂଆ ନାଟ୍ୟକାର ଅରୁଣ ବାରିକଙ୍କୁ। ଅରୁଣ କିନ୍ତୁ କହନ୍ତି : "ଆଉ କେହି ନୁହେଁ, ସେଇ ନୀଳରଙ୍ଗର ଚିଠି ହିଁ ମୋ ଭାଗ୍ୟର ତାଲା ଖୋଲିଦେଲା।"

– ୧୯୯୬ରୁ ୨୦୧୮। 'ମୋ ଜାଇ ଯିବ ଶାଶୁଘର'ରୁ 'ଅଧେ ତୋର ଅଧେ ମୋର'। ଭଦ୍ରକ ଜିଲା ବାରିକପୁର ଅନ୍ତର୍ଗତ କରଞ୍ଜି ଗ୍ରାମର ସ୍ୱର୍ଗତ କପିଳ ବାରିକ ଓ କମଳା ବାରିକଙ୍କର ଏହି ସୁଯୋଗ୍ୟ ସନ୍ତାନ ଇତିମଧ୍ୟରେ ୨୨/୨୩ବର୍ଷର କଳିଉଡ୍ ଜୀବନ ବିତେଇ ସାରିଛନ୍ତି। ଏହି ଦୀର୍ଘ ଅବଧି ମଧ୍ୟରେ ସେ ଲେଖି ସାରିଛନ୍ତି ପଚାଶରୁ ଊର୍ଦ୍ଧ୍ୱ ନାଟକ। ସେଥିମଧ୍ୟରେ ରହିଛି 'କୁଳାଙ୍ଗାର', 'ଘୁଙ୍ଗୁର କାନ୍ଦୁଛି', 'କହଲୋ ବଉଳ କିଏ ତୋ ବର', 'ମୁଁ ତୋର କ'ଣ ହେବି', 'ମିଛୁଆ ରାଧୁଆ ଗପ ସରିଲା', 'ସୁଖ ପରଦେଶୀ ଦୁଃଖ ପଡ଼ୋଶୀ', 'ସଜନୀ ଲାଜରେ ମୁଁ ଗଲି ମରି', 'ଦ୍ୱିତୀୟ ପର୍ଶୁରାମ' ଏବଂ ଆହୁରି ଅନେକ। ଚଳିତବର୍ଷ ତାଙ୍କର ଚର୍ଚ୍ଚିତ ନାଟକଗୁଡ଼ିକ ମଧ୍ୟରୁ 'ଅଧେ ତୋର ଅଧେ ମୋର', 'ଗଙ୍ଗା ପାପକଲେ ଧୋଇବ କିଏ' ଆଦି ଅନ୍ୟତମ।

# ମନ ଜିଣୁଛନ୍ତି ମାତନ



ପୁଅଟିଏ ଯଦି ବାପାମା'ଙ୍କ ପାଇଁ ସାହାରା ହୋଇପାରିବ ତା'ହେଲେ ଝିଅଟିଏ କାହିଁକି ସେକଥା କରିପାରିବନି। ଦିନେ ଏମିତି ଏକ ଭାବନା ଆସିଥିଲା ମାତନଙ୍କ ମନରେ। ତାଙ୍କ ବାପାଙ୍କର କୌଣସି ପୁଅ ନ ଥିଲେ। କେବଳ ଝିଅ। ତେଣୁ ମାତନ ଭାବିଲେ ସେ ସ୍ୱାବଲମ୍ବୀ ହେବେ। ଆଉ ବାପାଙ୍କ କମରକୁ ବଳ ଯୋଗେଇବେ। ପିଲାବେଳେ ନାଚଗୀତରେ ରୁଚିଥିଲା ତାଙ୍କର। ଗାଁ ଯାତ୍ରାରେ କାଁଭାଁ ଅଭିନୟ ବି କରିଥିଲେ। ତେଣୁ ଭାବିଲେ ଯାତ୍ରାପାର୍ଟିରେ ଯୋଗଦେବି। ବାସ୍, ଜନନୀ ଗଣନାଟ୍ୟ ନାମକ ଏକ ଯାତ୍ରା ଅନୁଷ୍ଠାନରେ ଜଣେ ଡ୍ୟାନ୍ସର ଭାବରେ ଯୋଗଦେଲେ। ବର୍ଷକ ପରେ ବାପା ଆସି ଘରକୁ ନେଇଗଲେ ତାଙ୍କୁ। କାରଣ ସେ ଚାହୁଁ ନ ଥିଲେ ଯେ, ଝିଅ ତାଙ୍କର ଯାତ୍ରାପାର୍ଟିରେ ରହୁ। ହେଲେ ମାତନଙ୍କ ମନରେ ଯାତ୍ରାର ରଙ୍ଗ ଲାଗି ସାରିଥିଲା। ତେଣୁ ସେ କିପରି ଯାତ୍ରାକୁ ଛାଡ଼ି ପାରିଥାନ୍ତେ। ଏହି ସମୟରେ ତାଙ୍କର ଦେବସାର୍ (ନିର୍ଦ୍ଦେଶକ ଦେବ ମହାପାତ୍ର)ଙ୍କ ସହିତ ସାକ୍ଷାତ ହେଲା। ସେତେବେଳେ କୃଷ୍ଣସୁଦାମା ଗଣନାଟ୍ୟ ବେଶ୍ ଚର୍ଚ୍ଚାରେ ଥାଏ। ମାତନ କୃଷ୍ଣସୁଦାମା ଗଣନାଟ୍ୟରେ ଯୋଗଦେଲେ। ଆଉ ଡ୍ୟାନ୍ସର ନୁହେଁ, ସେ ଅଭିନୟକୁ ଆସି ସାରିଥାନ୍ତି। ମାତନଙ୍କ ପ୍ରତିଭା ମଲ୍ଲୀଫୁଲ ପରି ମହକିବା ଆରମ୍ଭ କରିଥାଏ। ସୁନ୍ଦର ଚେହେରା ସାଙ୍ଗକୁ ନିଖୁଣ ଅଭିନୟ। କଳିଉଡ୍‌ର ବିଶିଷ୍ଟ ନାଟ୍ୟ ପରିଚାଳକ ନୟନ ଆଚାର୍ଯ୍ୟ ଓରଫ ନନି ଭାଇନା ମାତନଙ୍କୁ ସୁଯୋଗ ଦେଲେ ତ୍ରିନାଥ ଗଣନାଟ୍ୟରେ। ତ୍ରିନାଥ ଗଣନାଟ୍ୟରେ ସେତେବେଳେ ନାଟକ କରୁଥାନ୍ତି ନିର୍ଦ୍ଦେଶକ ତଥା ନାଟ୍ୟକାର ହିମାଂଶୁ ସାମଲ (ହେମି)। ନାଟକ ଥାଏ 'ପାପ ଭଲଲାଗେ ବାପଘରେ'। ଏହି ନାଟକରେ ମୁଖ୍ୟ ଚରିତ୍ରରେ ଅଭିନୟ କରିବାକୁ ସୁଯୋଗ ପାଇଲେ ମାତନ। ବାସ୍, ଆଉ ପଛକୁ ଫେରି ଚାହିଁବାକୁ ପଡ଼ିଲାନାହିଁ। ବର୍ଷ କେଇଟା ପରେ ମାତନ ପାଲଟିଗଲେ ଓଡ଼ିଆ ଯାତ୍ରାଜଗତର ଜଣେ ସ୍ୱନାମଧନ୍ୟା ଅଭିନେତ୍ରୀ। ତ୍ରିନାଥ, ରଙ୍ଗମହଲ, ସଚ୍ଚିଦାନନ୍ଦମ୍ ଆଦି ଅନୁଷ୍ଠାନରେ କାମ କରି ସାରିଥିବା ମାତନ ସମ୍ପ୍ରତି ତ୍ରିନାଥ ଗଣନାଟ୍ୟରେ ତାଙ୍କର ଅଭିନୟ ଜାରି ରଖି ସମସ୍ତଙ୍କ ମନ ଜିଣୁଛନ୍ତି। ସେ ଅଭିନୟ କରିଥିବା ଲୋକପ୍ରିୟ ନାଟକଗୁଡ଼ିକ ମଧ୍ୟରେ ରହିଛି 'ପାପ ଭଲଲାଗେ ବାପଘରେ', 'ରୂପାଲୀ ଛକ ରେପ୍ କେସ୍', 'କଉଠୁ ଆସିଛୁ ତୁ', 'ପୁରୀରେ ପ୍ରେମିକା କଟକରେ ସ୍ତ୍ରୀ', 'ମୋ ପ୍ରେମିକା ନିହାରିକା' ଏବଂ ଆହୁରି ଅନେକ। ଚଳିତବର୍ଷ ତ୍ରିନାଥ ଗଣନାଟ୍ୟରେ ମାତନ ଅଭିନୟ କରିଥିବା ନାଟକ ମଧ୍ୟରେ ରହିଛି 'ମାଟି ଅଗଣାର ବୋହୂ (ଲିସା)', 'ଏମିତି ନାରୀକୁ ଦୃଷ୍ଟ ଜୁହାର (ସୋନାଲୀ)', 'ମୋ ସ୍ୱାମୀର ଗପ ନ କହିଲେ ପାପ (ସ୍ୱପ୍ନା)', 'ବାଇଶି ପାହାଚ (ଭଦ୍ରା)' ଏବଂ 'କଳଙ୍କିନୀ (ରାଣୀ)'।

# ପର୍ଯ୍ୟଟନରେ ସଚେତନତା



ପର୍ଯ୍ୟଟନର ଉଦ୍ଦେଶ୍ୟ ହେବ ସଚେତନତା ସୃଷ୍ଟି। ତାହା ପୁଣି କ୍ୟାନ୍ସରକୁ ନେଇ ସଚେତନତା। ଏଭଳି ଏକ ଅଭିଯାନର ଅଭିଯାତ୍ରୀ ହେଉଛନ୍ତି ଜିନା ୟାଙ୍ଗ୍। ୨୦୧୨ରୁ ଜିନା ଆରମ୍ଭ କରିଛନ୍ତି ତାଙ୍କର ଏହି କ୍ୟାନ୍ସର ସଚେତନତା ଭ୍ରମଣ। ଏହି ବର୍ଷ ତାଙ୍କ ବାପା ପାକସ୍ଥଳୀ କ୍ୟାନ୍ସରରେ ପ୍ରାଣତ୍ୟାଗ କଲେ। ସେ ସେତେବେଳେ ବାପାଙ୍କ ପାଖରେ ନ ଥିଲେ। ବାପାଙ୍କୁ ଦେଖିପାରି ନ ଥିଲେ। ସେତେବେଳେ ସେ ଭାବିଥିଲେ ଯଦି ବାପାଙ୍କୁ କ୍ୟାନ୍ସର ହୋଇ ନ ଥାନ୍ତା ତା'ହେଲେ ବାପା ବଞ୍ଚି ରହିଥାନ୍ତେ। ତେଣୁ ସେ ସେହି ମୁହୂର୍ତ୍ତରେ କ୍ୟାନ୍ସରକୁ ନେଇ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବାର ପଣ ନେଲେ। ଇତିମଧ୍ୟରେ ସେ ଅନେକ ସ୍ଥାନ ଭ୍ରମଣରେ ଯାଇ ଲୋକମାନଙ୍କ ମଧ୍ୟରେ ତାଙ୍କ ଭିତରର ବାର୍ତ୍ତା ବିତରଣ କରିସାରିଛନ୍ତି।





# ରୋବୋ ସେଫ୍

**ସେ** ଦିନ ଆଉ ଦୂର ନାହିଁ, ଯେବେ ଆପଣଙ୍କ ରୋଷେଇ ଘରେ ଏକ ରୋବୋ ମନପସନ୍ଦର ଖାଦ୍ୟ ପ୍ରସ୍ତୁତ କରିବ। କାରଣ ନିକଟରେ ଏକ ରେଷ୍ଟୁରାଣ୍ଟରେ ରୋବୋ ସେଫ୍ କାମ କରୁଥିବାର ଦେଖିବାକୁ ମିଳିଛି। ଡେଲିମେଲ୍ ଓ ଫୋର୍ବସ୍‌ର ଖବର ଅନୁସାରେ, ଉକ୍ତ ରୋବଟ୍‌ର ନାମ ହେଉଛି 'କ୍ରିଏଟର୍' ଏବଂ ତାହା ସାନ୍‌ଫ୍ରାନ୍ସିସ୍କୋର ଏକ ରେଷ୍ଟୁରାଣ୍ଟରେ କାମ କରୁଛି। ଫୋର୍ବସ୍ ଅନୁସାରେ 'କ୍ରିଏଟର୍' ହେଉଛି ପୃଥିବୀର ପ୍ରଥମ ପୂର୍ଣ୍ଣମାତ୍ରାରେ ସ୍ୱୟଂଚାଳିତ ରୋବୋ। ଏହା ପ୍ରସ୍ତୁତ କରୁଥିବା ବର୍ଗର ବହୁତ ସ୍ୱାଦିଷ୍ଟ, ତାଜା ଓ ଠିକ୍‌ଭାବେ ରନ୍ଧା ହୋଇଥାଏ। ଆଉ ଏହା ଖୁବ୍ କମ୍ ସମୟରେ ଅନେକ ବର୍ଗର ତିଆରି କରିପାରେ। 'କ୍ରିଏଟର୍' ସମାନ ସାଇଜ୍‌ରେ ଟମାଟୋ, ପନିର, ଚିକେନ୍, ପିଆଜ୍ କାଟିଥାଏ। ଛୋଟ ଛୋଟ ମାଂସଖଣ୍ଡକୁ ଫ୍ରାଏ କରେ। ଆଉ ବ୍ରେଡ୍‌କୁ ଗୋଲାକାରରେ କାଟି ସବୁ ସାମଗ୍ରୀକୁ ଗୋଟିକ ଉପରେ ଗୋଟିଏକୁ ଠିକ୍‌ଭାବେ ରଖିପାରେ। ଏହି କାମ ପାଇଁ ତା'ର ସ୍ୱତନ୍ତ୍ର ପ୍ରୋଗ୍ରାମିଂ ହୋଇଛି। କେବଳ ସେତିକି ନୁହେଁ, ଗ୍ରାହକଙ୍କ ପସନ୍ଦ ଅନୁଯାୟୀ ବର୍ଗର ଉପରେ ମସଲା ପକାଇବା ଏବଂ ହାଲ୍କା ଅଥବା କଡ଼କ ସେକିବା ଲାଗି ମଧ୍ୟ ପ୍ରୋଗ୍ରାମ୍ ସେଟ୍ କରାଯାଇଛି। ଏହା ଏକ ଘଣ୍ଟାରେ ୧୨୦ଟି ବର୍ଗର ପ୍ରସ୍ତୁତ କରିପାରେ। 'କ୍ରିଏଟର୍' ଥର୍ମାଲ୍ ସେନ୍ସର୍ ଦ୍ୱାରା ଚାଳିତ ମେଶିନରେ ନିୟନ୍ତ୍ରିତ ହୋଇଥାଏ, ଯେମିତି କି ମାଂସ ଓ ଅନ୍ୟ ସାମଗ୍ରୀ ଠିକ୍‌ଭାବେ ରନ୍ଧାହେବ ଓ ଜଳିବ ନାହିଁ କି କଞ୍ଚା ରହିବ ନାହିଁ। ଏଥିରେ ୩୫୦ଟି ସେନ୍ସର ଲାଗିଛି। ଆଉ ତାହା ୨୦ଟି କମ୍ପ୍ୟୁଟର ସାହାଯ୍ୟରେ ଚାଲିଥାଏ। ଏହା ପ୍ରତି ୩୦ ସେକେଣ୍ଡରେ ଗୋଟିଏ ବର୍ଗର ତିଆରି କରିଥାଏ। ଆଉ ଗୋଟିଏ ଗୋଟିଏ ବର୍ଗରର ମୂଲ୍ୟ ୬ ଡଲାର।

ବ୍ୟାକ୍ ପେଜ୍

# ଦାମୀ ଜୀବନ୍ତ ମାଛ

**ଏ**ସ୍ ଲିଜେଣ୍ଡ ଏକ ଧଳା–ଲାଲ୍ ରଙ୍ଗର କୋଇ କ୍ରାପ୍ ପ୍ରଜାତିର ମାଛ। ଜାପାନରେ ଦେଖାଯାଉଥିବା ଉକ୍ତ ସୁନ୍ଦର ମାଛ ନିକଟରେ ସବୁଠାରୁ ଦାମୀ ଜୀବନ୍ତ ମାଛର ମାନ୍ୟତା ପାଇଛି। କାରଣ ଉକ୍ତ ପ୍ରଜାତିର ଏକ ୧୦୧ ସେ.ମି. ଲମ୍ବବିଶିଷ୍ଟ ମାଛ ଜାପାନ, ହିରୋସିମାର ସାକି ଫିଶ୍ ଫାର୍ମରେ ହୋଇଥିବା ନିଲାମରେ ୧.୮ ମିଲିୟନ ଡଲାରରେ ନିଲାମ ହୋଇଛି। ଗୋଟିଏ ମାଛର ମୂଲ୍ୟ ଯେ ଏତେ ହୋଇପାରେ, ତାହା କଳ୍ପନା ବାହାରେ। ହେଲେ ବାସ୍ତବରେ ତାହା ଘଟିଛି। ଯଦିଓ କିଣିଥିବା ବ୍ୟକ୍ତିଙ୍କ ସମ୍ପର୍କରେ ବିଶେଷ ସୂଚନା ନାହିଁ। ତଥାପି କୁହାଯାଉଛି, ସେ ହେଉଛନ୍ତି ତାଇୱାନ୍‌ର ୟିଙ୍ଗ୍‌ୟିଙ୍ଗ୍। ଆଉ ଉକ୍ତ ମାଛ ଖୁବ୍‌ଶୀଘ୍ର ୫,୦୦,୦୦୦ ଅଣ୍ଡା ଦେବ। ସେଥିରୁ ୫୦୦୦ଟି ଉଚ୍ଚମାନର ଅଣ୍ଡା ମିଳିବ, ଯାହାକୁ ସେ ବିକ୍ରି କରିପାରିବେ।



